

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 May 2024
Vol.No. 35 ■ No.119 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେଜ୍ରିୱାଲଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ !



ନୂଆଦିଲ୍ଲୀ, ୦୩/୫ : ଦିଲ୍ଲୀ ଅବକାରୀ ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଆଜି କହିଛନ୍ତି ଯେ ସେମାନେ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ଅର୍ଥାତ ମେ' ୭ ତାରିଖରେ କରିବେ। ସେହିଦିନ ଦୁଇ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବେ। ଏଥିପାଇଁ ଇଡି ଓ କେଜ୍ରିୱାଲଙ୍କ ଓକିଲଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ କହିଛନ୍ତି, କେଜ୍ରିୱାଲ ଇଡିର ଗିରଫଦାରୀ ଓ ତାଙ୍କୁ ରିମାଣ୍ଡରେ ନେବା ବିରୋଧରେ ଆବେଦନ କରିଛନ୍ତି। ଏହି ମୁଖ୍ୟ ମାମଲା ଉପରେ ଶୁଣାଣି ଅଧିକ ସମୟ ଲାଗିପାରେ। ଯଦି ମୁଖ୍ୟ ମାମଲାର ଶୁଣାଣି ଅଧିକ ସମୟ ଲାଗିବ, ତା'ହେଲେ ଆମେ ମଙ୍ଗଳବାର ଅନ୍ତରୀଣ ଜାମିନ ଉପରେ ଶୁଣାଣି କରିପାରୁ। ଏଥିପାଇଁ ଇଡି ଓକିଲ ପ୍ରସ୍ତୁତ ହୋଇ ଆସନ୍ତୁ। ଏବେ ଦେଶରେ ନିର୍ବାଚନ ପର୍ବ ଚାଲିଛି। ତେଣୁ ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ଜାମିନ ଉପରେ ଯୁକ୍ତି ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ଏହାର ଅର୍ଥ ସମ୍ଭବତଃ କେଜ୍ରିୱାଲଙ୍କୁ ଆସନ୍ତା ୭ ତାରିଖରେ ଜାମିନ ମିଳିପାରେ। ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା। ତାଙ୍କୁ ଦୁଇଟି ପର୍ଯ୍ୟାୟରେ ରିମାଣ୍ଡରେ ନେବା ପରେ ଏପ୍ରିଲ ୧ରୁ ସେ ତିହାର ଜେଲରେ ରହିଛନ୍ତି। ସେ ଜାମିନ ଅପେକ୍ଷା ଗିରଫଦାରୀକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଗତ ଶୁଣାଣି ବେଳେ ସୁପ୍ରିମକୋର୍ଟ ମଧ କାହିଁକି ଜାମିନ ପାଇଁ ଆବେଦନ କରୁନାହାନ୍ତି ବୋଲି କେଜ୍ରିୱାଲଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ।

## ନିର୍ବାଚନ କମିଶନଙ୍କ ରୋକ : ସୁଜାତାଙ୍କୁ ଅର୍ଥ ବିଭାଗକୁ ବଦଳି, ମିଶନଶକ୍ତି ବିଭାଗ ଦାୟିତ୍ୱରେ ଶାଳିନୀ ପଣ୍ଡିତ



ଭୁବନେଶ୍ୱର, ୦୩/୫ (ନି.ପ୍ର): ସରକାରୀ କଳ ଓ କ୍ଷମତାର ଦୁରୂପଯୋଗ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବିଜେଡି ସପକ୍ଷରେ ଭୋଟ୍ ଦେବା ପାଇଁ ଚାପ ପକାଇବା ଆଇଏଏସ୍ ସୁଜାତା ଆର କାର୍ତ୍ତିକେୟନଙ୍କୁ ମହଙ୍ଗା ପଡ଼ିଛି । ନିର୍ବାଚନ କମିଶନଙ୍କ କଡ଼ା ଆଭିମୁଖ୍ୟ ଓ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଆଜି ବିଜେଡିର ନମ୍ବର-ଟୁ ଭିକେ ପାଣ୍ଡିଆନଙ୍କ ପତ୍ନୀ ଆଇଏଏସ୍ ସୁଜାତା କାର୍ତ୍ତିକେୟନଙ୍କୁ ବଦଳି କରିଛନ୍ତି । ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତା ଆର କାର୍ତ୍ତିକେୟନଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସୁଜାତା ନିଜର ପଦ ଓ କ୍ଷମତାର ଦୁରୂପଯୋଗ କରି ବିଜେଡିର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ବିଜେପି ଗତକାଲି ଅଭିଯୋଗ କରିଥିଲା । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୦ ବ୍ୟାଚ୍ ଆଇଏଏସ୍ ତଥା ମିଶନ ଶକ୍ତି ବିଭାଗର ସଚିବ ତଥା କମିଶନର ସୁଜାତା କାର୍ତ୍ତିକେୟନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ତଥା କମିଶନର ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀମତୀ ପଣ୍ଡିତ ମଧ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ତୁଲାଇବେ । ସୁଜାତା ଏବେ ମିଶନ ଶକ୍ତି ▶▶ପୃଷ୍ଠା ୭

## ୫୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଯନ୍ତ୍ରୀ



ଭୁବନେଶ୍ୱର, ୦୩/୫ (ନି.ପ୍ର): ୫୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜଡଝଝର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ରବୀନ୍ଦ୍ର ପାତ୍ର। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ବକେୟା ବିଲ୍‌ଗୁଡ଼ିକୁ ପାସ୍ କରି ଦେବା ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର ଜଣେ ଠିକାଦାରଙ୍କଠାରୁ ଏହି ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ବକେୟା ବିଲ୍ ପାସ୍ କରି ଦେବା ପାଇଁ ଶ୍ରୀ ପାତ୍ର ଲାଞ୍ଚ ମାଗୁଥିବା ନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ ଉକ୍ତ ଠିକାଦାର। ତାଙ୍କ ଅଭିଯୋଗ ଆଧାରରେ ଯୋଜନାବଦ୍ଧ ଭାବେ ଆଜି ଶ୍ରୀ ପାତ୍ରଙ୍କୁ ଲାଞ୍ଚ ନେବା ବେଳେ ଧରିଥିଲା ଭିଜିଲାନ୍ସ। ଲାଞ୍ଚ ନେଇ ଧରାପଡ଼ିବା ପରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପାତ୍ରଙ୍କ ୪ଟି ଠିକଣାରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ତା'ସହିତ ଅଧିକ ତଦନ୍ତ ଜାରି ରହିଛି।

## କାରରୁ ମିଳିଲା ୨୦ ଲକ୍ଷ: ଭ୍ୟାନ୍‌ରୁ ମିଳିଲା ୪ ଲକ୍ଷ




ଭୁବନେଶ୍ୱର, ୦୩/୫ (ନି.ପ୍ର): ନିର୍ବାଚନ ସମୟ ଚାଲିଥିବା ଯୋଗୁ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ପୁଲିସ୍ ପକ୍ଷରୁ ଗାଡ଼ିଗୁଡ଼ିକୁ ଚେକିଂ କରାଯାଉଛି। ଏହି କ୍ରମରେ ଆଜି ରାଜ୍ୟର ଦୁଇଟି ସ୍ଥାନରୁ ପୁଲିସ୍ ୨୪ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଭଦ୍ରାସାହି ଛକ ନିକଟରେ ଯାଞ୍ଚ ଚାଲିଥିବା ବେଳେ ଏକ କାରରୁ ପୁଲିସ ୨୦ ଲକ୍ଷ ଟଙ୍କା ଜବତ କରିଛି। ଦୁଇଟି ବ୍ୟାଗ୍‌ରେ ଏହି ଟଙ୍କା ଥିଲା। ଏହି ଟଙ୍କା କାହାର ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଧରାପଡ଼ିଯିବା ଭୟରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ନୂଆପଡ଼ା-ବରଗଡ଼ ଜିଲ୍ଲା ସୀମାନ୍ତ ନୂଆପଡ଼ା ପୁଲିସର ସାହିପଲା ଚେକ୍ ପୋଷ୍ଟ ନିକଟରେ ବ୍ଲକିଂ ଚେକିଂ ଚାଲିଥିବା ବେଳେ ଏକ ଭ୍ୟାନରୁ ୪ ଲକ୍ଷ ୮୯ ହଜାର ଟଙ୍କା ଜବତ ହୋଇଛି। ବରଗଡ ଜିଲ୍ଲାରୁ ନୂଆପଡ଼ା ▶▶ପୃଷ୍ଠା ୭

## ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ସୌମ୍ୟ ପଟ୍ଟନାୟକ



ଭୁବନେଶ୍ୱର, ୦୩/୫ (ନି.ପ୍ର): ବିଜେଡିରୁ ବହିଷ୍କୃତ ବିଧାୟକ ତଥା ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ କରିବା ପରେ ସୌମ୍ୟ ଏହି ଘୋଷଣା କରିଛନ୍ତି । ସୌମ୍ୟ ବିଜେପିରୁ ଘସିପୁରା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା, ମାତ୍ର ବିଜେପି ସେଠାରେ ଡଃ ଶମ୍ଭୁନାଥ ରାଉତଙ୍କୁ ଗତକାଲି ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ଆଜି ଆନନ୍ଦପୁରଠାରେ ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୌମ୍ୟ କହିଛନ୍ତି ଯେ, ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଘସିପୁରାର ଲୋକମାନେ ପରାମର୍ଶ ଦେଇଛନ୍ତି । ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ଆସନ୍ତା ୬ତାରିଖରେ ସେ ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ। ସୂଚନାଯୋଗ୍ୟ, ସୌମ୍ୟ ଗତ ୩ଦିନ ତଳେ କେନ୍ଦୁଝର ଗସ୍ତରେ ଯାଇ ମା'ତାରିଣୀଙ୍କ ଦର୍ଶନ କରିଥିଲେ । ସେହି ସମୟରେ ତାଙ୍କୁ ବିଭିନ୍ନ ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା । ସୌମ୍ୟ ମଧ ବିଜେପି ତାଙ୍କୁ ଘସିପୁରାରୁ ପ୍ରାର୍ଥୀ ହେବାକୁ ପ୍ରସ୍ତାବ ଦେଇଥିବା କଥା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମାତ୍ର ଗତକାଲି ବିଜେପି ସେଠାରେ ସୌମ୍ୟଙ୍କ ବଦଳରେ ଶମ୍ଭୁନାଥଙ୍କୁ ପ୍ରାର୍ଥୀ କରିଥିଲା । ସେହିପରି ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ବିଜେପି ଟିକେଟ୍ ନଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ବରି ବିଧାନସଭା ଆସନରୁ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ତାଙ୍କ ସହ ବରିବାସୀ ଅଛନ୍ତି । କୌଣସି ଦଳ ତାଙ୍କ ପାଇଁ ବଡ଼ ନୁହେଁ ବରଂ ବରିବାସୀଙ୍କ ସୁଖଦୁଃଖରେ ରହିବାକୁ ସେ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି ।

## କଲବଲ ହେଲା ପଶ୍ଚିମ ଓଡ଼ିଶା: ବୌଦ୍ଧ ଉତ୍ତପ୍ତ ସହର

ବୌଦ୍ଧ: କଲବଲ ହେଲା ପଶ୍ଚିମ ଓଡ଼ିଶା। ବୌଦ୍ଧ ପାଲଟିଛି ଉତ୍ତପ୍ତ ସହର। ଆଜି ଏଠାରେ ତାପମାତ୍ରା ୪୪.୬ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଏଥିସହ ୨୬ ସହର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୌଦ୍ଧରେ ତାପମାତ୍ରା ୪୪.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୪ ଡିଗ୍ରୀ, ନୂଆପଡ଼ାରେ ୪୩.୯ ଡିଗ୍ରୀ, ବଲାଙ୍ଗିରରେ ୪୩.୪ ଡିଗ୍ରୀ, ମାଲକାନଗିରିରେ ୪୩.୩ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୩.୩ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ବାରିପଦାରେ ୪୨.୮ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ହୀରାକୁଦରେ ୪୨.୩ ଡିଗ୍ରୀ, ତାଳଚେରରେ ▶▶ପୃଷ୍ଠା ୭

## ଇଟାଭାଟିରେ ଅଘଟଣ: ୨ ମୃତ, ଜଣେ ଆହତ

ଗଞ୍ଜାମ, ୦୩/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ନୂଆଁଗଡ଼ ସ୍ଥିତ ଏସ୍‌ବିଆଇ ଚିମିନି ଇଟାଭାଟିରେ ପୋଡ଼ା ଇଟା କାନ୍ଥ ଭୁଶୁଡ଼ି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି ଖୁଲୁଡ଼ି ଗ୍ରାମର ସୁଲଭ ଦୋରା (୬୦) ଓ ବଳଧିଆ ଗ୍ରାମର ସରସ୍ୱତୀ ପ୍ରଧାନ। ସୁଲଭଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସରସ୍ୱତୀଙ୍କର ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

## ଆଜି ଆସିବେ ଜୟଶଙ୍କର, ୫ରେ ନଡ୍ଡା



ଭୁବନେଶ୍ୱର, ୦୩/୫ (ନି.ପ୍ର): ଆସନ୍ତାକାଲିଠୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ବୈଦେଶିକ ବ୍ୟପାର ମନ୍ତ୍ରୀ ଏସ୍ ଜୟଶଙ୍କର। କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ବୃଦ୍ଧିଜୀବୀଙ୍କୁ ଭେଟିବେ। ବିଜେପି ନେତା ଗୋଲକ ମହାପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ଏସ୍ ଜୟଶଙ୍କର ଏହି ଦୁଇ ଦିନର ଗସ୍ତ ବେଳେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ଗୁରୁମନ୍ତ୍ର ଦେବେ। ଏହାସହ ଗଣମାଧମ ପ୍ରତିନିଧି ଓ ଖବର କାଗଜର ଏଡିଟରଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୫ ତାରିଖରେ ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ନଡ୍ଡା କଟକରେ ▶▶ପୃଷ୍ଠା ୭

## ନୀଳଗିରି ବିଜେପି ଟିକେଟ ହାତେଇଲେ ସନ୍ତୋଷ ଖଟୁଆ



ନୀଳଗିରି , ୦୩/୫ (ନି.ପ୍ର): ବହୁଚର୍ଚ୍ଚିତ ନୀଳଗିରି ବିଧାନସଭା ଆସନ ପାଇଁ ଶେଷରେ ସନ୍ତୋଷ ଖଟୁଆଙ୍କ ନାମ ଘୋଷଣା କରିଛି ବିଜେପି। ଦୀର୍ଘ ଏକମାସ ଧରି ଚାଲିଥିବା ଛକାପଞ୍ଝା ମଧ୍ୟରେ ଗତ ଗୁରୁବାର ବିଜେଡ଼ି ନୀଳଗିରି ପାଇଁ ସୁକାନ୍ତ ନାୟକଙ୍କ ନାମ ଘୋଷଣା କରିବା ପରେ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ସନ୍ତୋଷ ଏବଂ ତାଙ୍କର ସହକର୍ମୀ। ଆଜି ତାଙ୍କର ଶହଶହ ସମର୍ଥକଙ୍କ ସହିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ଆନୁଷ୍ଠାନିକ ଭାବେ ମିଶିବା ପରେ ଏକ ମିଶ୍ରଣ ପର୍ବରେ ତାଙ୍କର ସମର୍ଥକ ବିଜେପିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ , କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେପିର ଓଡ଼ିଶା ପ୍ରଭାରୀ, ପର୍ଯ୍ୟବେକ୍ଷକ, ପୂର୍ବତନ ବିଜେପି ସଭାପତି ସମୀର ମହାନ୍ତି,ବାଲେଶ୍ୱର ସାଂସଦ ପ୍ରାର୍ଥୀ ପ୍ରତାପ ଷଡଙ୍ଗୀ ଏବଂ ବହୁ କେନ୍ଦ୍ରୀୟ ଓ ରାଜ୍ୟ ନେତୃତ୍ୱଙ୍କ

## ଲାଞ୍ଚ ନେଉଥିଲେ କିରାଣି: ମାଡ଼ି ବସିଲା ଭିଜିଲାନ୍ସ

କେନ୍ଦ୍ରାପଡା, ୦୩/୫ (ନି.ପ୍ର): ଲାଞ୍ଚ ନେଲାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦ୍ରାପଡା ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଜିତେନ୍ଦ୍ର ସେନାପତି। ଜମିଜମା ସମ୍ପର୍କିତ ମାମଲାର ରଫାଦଫା କରିବା ପାଇଁ ଜଣେ ମହିଳାଙ୍କଠାରୁ ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଭିଜିଲାନ୍ସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ପଚରାଉଚରା କରିଥିବା ଜଣାଯାଇଛି। ଏକ ଜମିଜମା ସମ୍ପର୍କିତ ମାମଲାର ରଫାଦଫା କରିବା ପାଇଁ ଗାୟତ୍ରୀ ମିଶ୍ରଙ୍କ ଠାରୁ କନିଷ୍ଠ କିରାଣି ଜିତେନ୍ଦ୍ର ସେନାପତି ୧୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ଜିତେନ୍ଦ୍ରଙ୍କ ଭଡାଘର ସମେତ ତାଳସଙ୍ଗା ସ୍ଥିତ ପୈତୃକ ଘରେ ଭିଜିଲାନ୍ସ ବିଭାଗର ଦୁଇଟି ଟିମ୍ ଚଢ଼ାଉ କରିଛନ୍ତି। ଏହାସହ ଜିତେନ୍ଦ୍ରଙ୍କୁ ଭିଜିଲାନ୍ସ ଡିଏସପିଙ୍କ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଛି।

## ସସ୍‌ପେନ୍ସ ଉପରୁ ହଟିଲା ପରଦା: ରାୟବରେଲୀରୁ ଲଢ଼ିବେ ରାହୁଲ



ନୂଆଦିଲ୍ଲୀ, ୦୩/୫ : ସବୁ ସସପେନ୍ସ ଉପରୁ ହଟିଲା ପରଦା। ଦେଶରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ନାମାଙ୍କନର ଶେଷ ତାରିଖ ଥିବା ବେଳେ କଂଗ୍ରେସ ଆମେଠି ଓ ରାୟବରେଲୀ ପାଇଁ ଘୋଷଣା କରିଛି ପ୍ରାର୍ଥୀଙ୍କ ନାଁ। ଏଥର ଉତ୍ତର ପ୍ରଦେଶ ରାୟବରେଲୀରୁ ଲଢ଼ିବେ ରାହୁଲ ଗାନ୍ଧି । ଇଓଉଡ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏଥିସହ ଆଜି ହିଁ ରାହୁଲ ଗାନ୍ଧି ନିଜ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାଯାଇଛି। ଏହାବାଦ ଆମେଥିରୁ କିଶୋରୀଲାଲ ଶର୍ମାଙ୍କୁ ମଇଦାନକୁ ଓହ୍ଲାଇଛି କଂଗ୍ରେସ। ରାୟବରେଲୀ ଆସନରୁ ପ୍ରିୟଙ୍କା ଗାନ୍ଧି ଭଦ୍ରା ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଥର ବି ପ୍ରିୟଙ୍କା ସିଧାସଳଖ ମଇଦାନକୁ ନ ଓହ୍ଲାଇ ପ୍ରଚାରରେ ନିୟୋଜିତ ରହିବେ ବୋଲି ସ୍ପଷ୍ଟ ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଲେ ମହିଳା କର୍ମଚାରୀ



ପଶ୍ଚିମବଙ୍ଗ, ୦୩/୫: ନିର୍ବାଚନୀ ଋତୁରେ ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ନାଁରେ ଆସିଲା ସାଂଘାତିକ ଅଭିଯୋଗ । ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଅସଦାଚରଣ କରିଥିବା ନେଇ ରାଜଭବନର ଜଣେ ଅସ୍ଥାୟୀ ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି । ଚାକିରିକୁ ସ୍ଥାୟୀ କରିଦେବାର ପ୍ରତିଶ୍ରୁତି ଦେଇ ରାଜ୍ୟପାଳ ତାଙ୍କ ସହ ଏପରି ଲଜ୍ଜାଜନକ କାଣ୍ଡ କରିଥିବା ମହିଳାଜଣକ ଅଭିଯୋଗ କରିଛନ୍ତି। ମାତ୍ର ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଏପରି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିବା ସହ ଏହା ନିର୍ବାଚନୀ ଷଡଯନ୍ତ୍ର ବୋଲି କହିଛନ୍ତି। ଏହାକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି। ପୁଲିସ୍ ସୂଚନା ଅନୁଯାୟୀ, ଗତକାଲି ରାଜଭବନ ଶାନ୍ତି କକ୍ଷରେ କାର୍ଯ୍ୟରତ ଥିବା ଜଣେ ଅସ୍ଥାୟୀ ମହିଳା କର୍ମଚାରୀ ରାଜଭବନ ମଧ୍ୟରେ ଥିବା ପୁଲିସ୍ ପୋଷ୍ଟ ହାଉସରେ ପହଞ୍ଚିଥିଲେ। ସେଠାରେ ସେ ରାଜ୍ୟପାଳଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣି ତାଙ୍କୁ ସ୍ଥାୟୀ ଚାକିରିର ପ୍ରଲୋଭନ ଦେଖାଇ ଅଶାଳୀନ ବ୍ୟବହାର ପ୍ରଦର୍ଶନ ସହ ଟଣାଓଟରା କରିଥିବା ଅଭିଯୋଗ କରିଥିଲେ। ଏନେଇ ପୋଷ୍ଟରେ ଥିବା ଅଧିକାରୀ ତୁରନ୍ତ ନିକଟସ୍ଥ ପୁଲିସ୍ ଷ୍ଟେଶନକୁ ଫୋନ୍ କରିଥିଲେ। ସେଠାରୁ ବରିଷ୍ଠ ଅଧିକାରୀ ଗଭର୍ଣ୍ଣର ହାଉସରେ ପହଞ୍ଚିଥିଲେ। ସେଠାରୁ ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ପୁଲିସ୍ ଷ୍ଟେଶନ ନେଇ ପଚରାଉଚରା କରାଯିବା ପରେ ସେ ରାଜ୍ୟପାଳଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ରାଜ୍ୟପାଳ ବୋଷ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ଶାସକ ଦଳ ନିଜ ସ୍ୱାର୍ଥ ପାଇଁ ନିର୍ବାଚନୀ ସମୟରେ ଏପରି ଷଡଯନ୍ତ୍ର କରିଥିବା ସେ କହିଛନ୍ତି। ଏଥିସହ ସେ କହିଛନ୍ତି, ମୋତେ ବଦନାମ କରି ▶▶ପୃଷ୍ଠା ୭

# ଓଡ଼ିଶାରେ ମିଳୁଥିବା ୨୦% ମସଲା ଖାଇବା ଅନୁପଯୋଗୀ: ମସଲାରେ ଏଥିଲିନ୍ ଅକ୍ସାଇଡ୍ ଜାଣିବା ପାଇଁ ଧାର୍ଯ୍ୟ ହୋଇନି ମାନଦଣ୍ଡ

ଭୁବନେଶ୍ୱର, ୦୩/୫ (ନି.ପ୍ର): ମସଲାକୁ ନେଇ ଏବେ ଦେଶବ୍ୟାପୀ ଚର୍ଚ୍ଚା। ଭାରତର ୨ଟି ବ୍ରାଣ୍ଡର ମସଲାକୁ ସିଙ୍ଗାପୁର ଓ ହଂକଂ ନିଷିଦ୍ଧ ଘୋଷଣା କରିଛନ୍ତି। ଏଥିରେ କର୍କଟ ରୋଗ ସୃଷ୍ଟିକାରୀ ରାସାୟନିକ ପଦାର୍ଥ ରହିଥିବା ଦୁଇ ଦେଶ ଦାବି କରି ଏହି ପଦକ୍ଷେପ ନେଇଛନ୍ତି। ଯାହା ଲୋକମାନଙ୍କ ଭିତରେ ଆତଙ୍କ ଖେଳାଇ ଦେଇଛି। ଅନ୍ୟପକ୍ଷରେ ଏହାର ସତ୍ୟତା ଜାଣିବା ଲାଗି ଖୁବ୍‌ଶୀଘ୍ର ଭାରତରେ ଏହାର ପରୀକ୍ଷଣ ଆରମ୍ଭ ହେବ। ଅନ୍ୟପକ୍ଷରେ ରାଜ୍ୟରେ ଏବେ ଯେଉଁ ବିଭିନ୍ନ ବ୍ରାଣ୍ଡର ମସଲା ମିଳୁଛି। ତହିଁରୁ ୨୦% ନମୁନା ଖାଇବା ଅନୁପଯୋଗୀ ରହିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ)ର ଯେଉଁ ମାନଦଣ୍ଡ ରହିଛି ତାହାକୁ ପାଳନ କରିବାରେ କିଛି ବ୍ରାଣ୍ଡର ମସଲା କମ୍ପାନି ବିଫଳ ହୋଇଛନ୍ତି। ଏଥିରେ ରାଜ୍ୟର କିଛି ସ୍ଥାନୀୟ ଓ ରାଜ୍ୟ ବାହାରର ମସଲା ବ୍ରାଣ୍ଡ ରହିଛି। ଗତ ୧ବର୍ଷ ଭିତରେ ରାଜ୍ୟ ଭିତରେ ଯେଉଁ ନମୁନା ସଂଗ୍ରହ ହୋଇଛି ତହିଁରୁ ଏଭଳି ସୂଚନା ସାମ୍ନାକୁ ଆସଛି। ରାଜ୍ୟ ଖାଦ୍ୟ ପରୀକ୍ଷାଗାର (ଏସ୍‌ଏଫ୍‌ଟିଏଲ୍)ରେ ଗତବର୍ଷ ଏପ୍ରିଲ ମାସରୁ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୧୨୨ଟି ମସଲା ନମୁନାର ପରୀକ୍ଷା ହୋଇଥିଲା। ଏଥିରୁ ୭ଟି ନମୁନା ଅସୁରକ୍ଷିତ ଓ ୧୭ଟି ନମୁନା ନିମ୍ନମାନର ରହିଛି। ୧୨୨ ମସଲା ନମୁନାରୁ ୨୪ଟି ଖାଇବା ଅନୁପଯୋଗୀ ରହିଛି। ଏଥିରେ ଗରମ ମସଲା ଓ ଅନ୍ୟାନ୍ୟ ମସଲା ସବୁ ରହିଛି। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ସାଧାରଣଭାବେ ୨ପ୍ରକାରର ନମୁନା ସଂଗ୍ରହ ହୋଇଥିଲା। ଗୋଟିଏ ସର୍ଭେଲାନ୍‌ସ ଓ ଅନ୍ୟଟି ଲିଗାଲ ନମୁନା। ଏହି ୧୨୨ଟି ମସଲା ହେଉଛି ଲିଗାଲ ନମୁନା। ତେଣୁ ମାନଦଣ୍ଡ ପାଳନରେ ବିଫଳ ହୋଇଥିବା କମ୍ପାନି ନାଁରେ ମାମଲା ରୁଜୁ କରିବା ଲାଗି ନିଷ୍ପତ୍ତି ହୋଇଛି। ସେହିପରି ବିଭିନ୍ନ ସମୟରେ ହୋଇଥିବା ସର୍ଭେଲାନ୍‌ସରେ ମୋଟ୍ ୪୯୨ ନମୁନା ସଂଗ୍ରହ ହୋଇଥିଲା। ତହିଁରୁ ୫ଟି ନମୁନା ଅସୁରକ୍ଷିତ ଓ ଗୋଟିଏ ନମୁନା ନିମ୍ନମାନର ରହିଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବଜାରରେ ମିଳୁଥିବା ମସଲା ବ୍ରାଣ୍ଡ୍‌ରେ ଇଟିଓ (ଏଥିଲିନ୍ ଅକ୍ସାଇଡ୍)କୁ ନେଇ କେନ୍ଦ୍ର-ରାଜ୍ୟରେ ଆଲୋଚନା ଜାରି ରହିଛି। ନିକଟରେ ହୋଇଥିବା ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଭାରତରେ ମସଲାରେ ଇଟିଓ ରହିଥିବା ନେଇ ଯାଞ୍ଚ ହୋଇ ନ ଥାଏ। ଯେଉଁ ଦେଶମାନଙ୍କୁ ଭାରତର ବିଭିନ୍ନ ବ୍ରାଣ୍ଡର ମସଲା ପଠାଯାଉଛି ସେସବୁ ରାଜ୍ୟରେ ଇଟିଓ ପରୀକ୍ଷଣ ହୋଇଥାଏ।



ଯେହେତୁ ଭାରତରେ ବିକ୍ରି ହେବା ଲାଗି ଇଟିଓର ପରୀକ୍ଷା ହୁଏନାହିଁ, ସେଥିପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ମଧ ଏଥିପାଇଁ କୌଣସି ମାନଦଣ୍ଡ ନାହିଁ। ମାତ୍ର ଇଟିଓକୁ ନେଇ ଏବେ ବିବାଦ ଦେଖା ଦେବା ପରେ ଏଫ୍‌ଏସ୍‌ଏସ୍‌ଏଆଇ ଏହା ଉପରେ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଦେଶର ୪୨ଟି ପରୀକ୍ଷାଗାରରେ ଇଟିଓର ପରୀକ୍ଷା ହୋଇପାରିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏଥିରେ ଓଡ଼ିଶାର କୌଣସି ପରୀକ୍ଷାଗାର ନାହିଁ। ରାଜ୍ୟ ଖାଦ୍ୟ ସୁରକ୍ଷା କମିସନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଏଫ୍‌ଏସ୍‌ଏସ୍‌ଏଆଇରୁ ନିର୍ଦ୍ଦେଶ ଆସିବା ପରେ ସବୁ ମସଲା ଉତ୍ପାଦନ ସ୍ଥାନରୁ ଇଟିଓ ପାଇଁ ନମୁନା ସଂଗ୍ରହ କରାଯିବ। ମାତ୍ର ଏହାର କ'ଣ ମାନଦଣ୍ଡ ରହିବ ତାହା ସଂପର୍କରେ କେନ୍ଦ୍ରରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଓଡ଼ିଶାର କୌଣସି ପରୀକ୍ଷାଗାର ଇଟିଓ ପରୀକ୍ଷା ପାଇଁ ନ ରହିବା ପଛରେ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନାହିଁ। ରାଜ୍ୟରେ ପ୍ରସ୍ତୁତ ହେଉଥିବା ମସଲା ବ୍ରାଣ୍ଡଗୁଡ଼ିକ କୋଲକାତା ପୋର୍ଟ ଦେଇ ବାହାରକୁ ରପ୍ତାନୀ ହୋଇଥାଏ। ତେଣୁ କୋଲାକାତାରେ ଯେଉଁ ବଡ଼ ପରୀକ୍ଷାଗାର ରହିଛି ସେଠାରେ ଇଟିଓର ପରୀକ୍ଷା କରାଯିବ। ଇଟିଓ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ପୁଣିଥରେ କେନ୍ଦ୍ର ସରକାର ଏ ସଂପର୍କରେ ରାଜ୍ୟମାନଙ୍କ ସହ ଆଲୋଚନା କରିବେ। ଏହାସହ ଗତ ୧ବର୍ଷ ଭିତରେ ଯେଉଁ ମସଲା ବ୍ରାଣ୍ଡର ନମୁନା ଖାଦ୍ୟ ଅନୁପଯୋଗୀ ରହିଛି, ସେସବୁ କମ୍ପାନି ବିରୋଧରେ ମାମଲା ଚାଲିବ। ମସଲା କମ୍ପାନିର ନାମ ବାହାରେ ପ୍ରକାଶ କରିହେବ ନାହିଁ। ରାଜ୍ୟ ବାହାରର ମସଲା କମ୍ପାନି ପାଇଁ ସଂପୃକ୍ତ ରାଜ୍ୟର ଖାଦ୍ୟ ସୁରକ୍ଷା କମିସନରଙ୍କୁ ଏହା ସଂପର୍କରେ ପତ୍ର ଲେଖାଯିବ। ଆଗକୁ ମସଲାକୁ ନେଇ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖାଦ୍ୟ ସୁରକ୍ଷା କମିସନର କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ନାମାଙ୍କନ ପ୍ରକ୍ରିୟା ଉପରେ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା , ୦୩/୫ (ନି.ପ୍ର): ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ଚଳିତ ମେ ୭ ତାରିଖରେ ବିଜ୍ଞପ୍ତି / ନୋଟିଫିକେସନ୍ ଆରମ୍ଭ ହେବ। ନାମାଙ୍କନ ଦାଖଲ ପାଇଁ ମେ ୧୪ ଅନ୍ତିମ ତାରିଖ ହୋଇଥିବା ବେଳେ ମେ ୧୫ ତାରିଖରେ ନୋମିନେସନ ଯାଂଚ୍ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ନୋମିନେସନ ସମୟରେ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି "ନୋମିନେସନ୍ ଦାଖଲ ସମୟରେ ସମସ୍ତ ରିଟର୍ଣ୍ଣିଂ ଅଫିସର୍ ଓ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ହେବ। ତ୍ରୁଟିଶୂନ୍ୟ ଓ ବିବାଦଶୂନ୍ୟ ନୋମିନେସନ୍ ପ୍ରୋସେସ୍ ପାଇଁ ଜିଲ୍ଲା ପ୍ରଶାସନକୁ ଦକ୍ଷତାର ସହ କର୍ତବ୍ୟ ସମ୍ପାଦନ କରିବାକୁ ହେବ। କାହାର ପ୍ରାର୍ଥିତ୍ୱକୁ ରଦ୍ଦ କରିବା ଆମର ଲକ୍ଷ୍ୟ ନୁହେଁ, ମାତ୍ର ଅସମ୍ପୂର୍ଣ୍ଣ ଫର୍ମ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।" ନୋମିନେସନ ଦାଖଲ ପାଇଁ ସମୟ ଦିନ ୧୧ରୁ ୩ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇଛି। ୩ଟା ପରେ କୌଣସି ପରିସ୍ଥିତିରେ ନୋମିନେସନ୍ ଦାଖଲ ଗ୍ରହଣୀୟ ନୁହେଁ। ୩୬୦ ଡିଗ୍ରୀ ସିସିଟିଭି କଭରେଜ୍ ଭିତରେ ନୋମିନେସନ ରୁମ୍ ରହିବ। ନାମାଙ୍କନ ପ୍ରକିୟାର ସମସ୍ତ କାର୍ଯ୍ୟକଳାପର ଭିଡିଓଗ୍ରାଫି କରାଯିବ। ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟର ୧୦୦ ମିଟର ପରିସୀମା ମଧ୍ୟକୁ ୩ଟିରୁ ଅଧିକ ଗାଡ଼ି ଆସିପାରିବ ନାହିଁ। ପ୍ରାର୍ଥିଙ୍କୁ ମିଶାଇ ମୋଟ୍ ୫ଜଣ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବାର ଅନୁମତି ପାଇପାରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଏପିଡି ଦୟାସିନ୍ଧୁ ପରିଡ଼ା, ସମସ୍ତ ଆସିଷ୍ଟାଂଟ୍ ରିଟର୍ଣ୍ଣିଂ ଅଫିସର୍ ଏବଂ ପ୍ରଶିକ୍ଷାର୍ଥିମାନେ ଉପସ୍ଥିତ ଥିଲେ।

# ବୋଷ୍ଟନଠାରେ ଓଡ଼ିଶା ଷ୍ଟାର୍ଟଅପ୍‌ର ସଫଳତା

ଭୁବନେଶ୍ୱର, ୦୩/୫ (ନି.ପ୍ର): ସଂପ୍ରତି ଆମେରିକାର ବୋଷ୍ଟନର ନର୍ଥ ଇଷ୍ଟର୍ଣ୍ଣ ୟୁନିଭରସିଟିଠାରେ ଅନୁଷ୍ଠିତ ହୋଇଥିବା ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନ ଓ ତତ୍‌ସମ୍ବନ୍ଧୀୟ ଅଭିଭାଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟାର୍ଟଅପ୍ କୃତିତ୍ୱ ଅର୍ଜନ କରିଛି। ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ସ୍ୱୀକୃତ ତଥା ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ପୁରସ୍କୃତ ନିଉରୂପ ଟେକ୍ ସଲ୍ୟୁସନ୍ କମ୍ପାନୀର ପ୍ରତିଷ୍ଠାତା ଅନୁପ ପାଇକରାୟ ଏହି ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ବୋଷ୍ଟନଠାରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନରେ ପ୍ରାୟ ୧୦ ଗୋଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲାବେଳେ ଓୟୁଟିଆର (ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି ଆଣ୍ଡ ରିସର୍ଚ୍ଚ)ର ଛାତ୍ର ଅନୁପ ପାଇକରାୟ ଏକମାତ୍ର ଭାରତୀୟ ଛାତ୍ର ଭାବେ କୃତିତ୍ୱ ଅର୍ଜନ କରି ନିଜ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ଷ୍ଟାର୍ଟଅପ୍ ପାଇଁ ବେଶ୍ ସଫଳତା ଓ ଗୌରବ ଆଣି ଦେଇଛନ୍ତି । ପୁରସ୍କୃତ ହେବା ସମୟରେ ଶ୍ରୀ ପାଇକରାୟ ଭାରତର ଜାତୀୟ ପତାକା ଉଡ଼ାଇ ବିଶ୍ୱସ୍ତରରେ ଭାରତ ମାଟିକୁ ସମ୍ମାନିତ କରିଥିଲେ। ପୁରସ୍କାର ବାବଦରେ ସେ ୨ ଲକ୍ଷ ଟଙ୍କା ଓ ଟ୍ରଫି ଉପଲବ୍ଧି କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ପ୍ରଦର୍ଶନ ପ୍ରତିଯୋଗିତାରେ ହାଭାର୍ଡ ୟୁନିଭରସିଟି, ଏମ୍.ଆଇ.ଟି (ଆମେରିକା), ଟଫସ୍ ୟୁନିଭରର୍ସିଟି, ବୋଷ୍ଟନ ୟୁନିଭରସିଟି, ବେଂଟଲି ୟୁନିଭରସିଟି, ୱେଷ୍ଟଓ୍ୱର୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ଇମରସନ୍ କଲେଜ ଆଦି ୧୦ ଗୋଟି ବିଶ୍ୱବିଦ୍ୟାଳୟର ଷ୍ଟାର୍ଟଅପ୍ ଛାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରୀ ପାଇକରାୟ ପୂର୍ବରୁ ଭାରତର ବିଭିନ୍ନ ସ୍ଥାନରେ ନିଜର ପ୍ରକଳ୍ପ ପାଇଁ ମଧ ପୁରସ୍କୃତ ହୋଇସାରିଛନ୍ତି। ଓଡ଼ିଶା ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପ୍ରାୟୋଜିତ ଷ୍ଟାର୍ଟଅପ୍ ଉତ୍ସବରେ ଶ୍ରେଷ୍ଠ ଷ୍ଟାର୍ଟଅପ୍ ଛାତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଏହା ବ୍ୟତୀତ ଗୀତମ୍ ୟୁନିଭରସିଟି, ହାଇଦ୍ରାବାଦ୍, ଗ୍ରୀନ୍ ବେଙ୍ଗଲ ଇନୋଭେସନ୍ କଂଟେଷ୍ଟ, ୩-ଏମ୍ ୟଙ୍ଗ୍ ଇନୋଭେଟର, ତାଲ୍ ଆଦି ସମ୍ମାନ ଲାଭ କରିଛନ୍ତି । ଅନୁପଙ୍କ ପ୍ରକଳ୍ପ ମୁଖ୍ୟତଃ ଆଫ୍ରିକାର ଗ୍ରାମାଂଚଳରେ ରହିଥିବା ୫୦ କୋଟି ମହିଳାଙ୍କ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ । ପ୍ରକଳ୍ପ ଚୁଲିଭ୍ ବିଶ୍ୱର ପ୍ରଥମ ଅଟୋମେଟିକ୍ ଏୟାରବ୍ଲୋୟର ମାତ୍ର ୫୦୦ ଟଙ୍କାରେ ମାଟି ଚୁଲିରେ ଆସୁଥିବା ଧୂଆଁକୁ ହ୍ରାସ କରି ମହିଳାମାନଙ୍କ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବର୍ଷ ଆପାତତଃ ୨୦ ଲକ୍ଷ ମହିଳାଙ୍କର ଚୁଲିରୁ ନିର୍ଗମନ ଧୂମ୍ରଜନିତ ମୃତ୍ୟୁ ଘଟେ। ଅନୁପଙ୍କର ଚୁଲିଭ୍ ଏହି ସମସ୍ୟାକୁ ଦୂରେଇ ଦେବାରେ ଯଥେଷ୍ଟ ସହାୟକ ହେବ। ଶ୍ରୀ ପାଇକରାୟଙ୍କ କୃତିତ୍ୱ ଓଡ଼ିଶାର ଷ୍ଟାର୍ଟଅପ୍ କୁ ଅଧିକରୁ ଅଧିକ ଉର୍ଦ୍ଧ୍ୱଗାମୀ କରିବା ସହ ଶହ ଶହ ଛାତ୍ରଙ୍କୁ ପ୍ରେରଣା ଯୋଗାଇବ ।

# ସ୍ୱାତୀ ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ

କନ୍ଧମାଳ, ୦୩/୫ (ନି.ପ୍ର): ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ସହାୟତାରେ ଚାଲିଥିବା ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ମଇ ୧ ତାରିଖ ଆନ୍ତର୍ଜାତୀୟ ଶ୍ରମ ଦିବସ ଫିରିଙ୍ଗିଆ ଓ ଚକାପାଦ ବ୍ଲକ୍ ଅଂଚଳରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଫିରିଙ୍ଗିଆ ବ୍ଲକ୍ ଭୃଙ୍ଗିଯୋଡି ପଂଚାୟତ ଗୃହ ଠାରେ ଆୟୋଜିତ ଏକ ବୈଠକରେ ମୂଖ୍ୟ ଅତିଥିଭାବେ ସମାଜିକ କର୍ମୀ ମୃତ୍ୟୁଞ୍ଜୟ ବେହେରା ଓ ସ୍ୱାତୀର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ଯୋଗ ଦେଇ ଆନ୍ତର୍ଜାତୀୟ ଶ୍ରମ ଦିବସର ବିଶେଷତ୍ୱ ଏବଂ ମନରେଗା ଆଦି ଗ୍ରାମସ୍ତରରେ ଚାଲୁଥିବା ବିଭିନ୍ନ ଶ୍ରମଭିତିକ ଯୋଜନା ଗୁଡିକରେ ଶ୍ରମିକ ମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ । ଭୃଙ୍ଗିଯୋଡି ଅଂଚଳର ଜଣାଶୁଣା ସାମାଜିକ ଓ ରାଜନୈତିକ କର୍ମୀ ଦିଶିଆ କହଁର ପଂଚାୟତ ସ୍ତରରେ ରହିଥିବା ଶ୍ରମିକ କଲ୍ୟାଣ ଯୋଜନା ଗୁଡିକ ସଂପର୍କରେ ମତ ଉପସ୍ଥାପନ କରିଥିଲେ । ନାଏବ ସରପଂଚ ବୈଠକରେ ଅଧକ୍ଷତା କରିବା ସହ ସ୍ୱାତୀ କର୍ମୀ ସ୍ନେହଲତା ନାୟକ, ସୀତା ରଣା ପ୍ରମୁଖ ସଭା ପରିଚାଳନା କରିଥିଲେ । ସେହିପରି ଚକାପାଦ ବ୍ଲକ୍ ବପଲମେଣ୍ଡି ଠାରେ ଆୟୋଜିତ ଅନ୍ୟ ଏକ ସଭାରେ ମୁଖ୍ୟ ଅତିଥି ଭାବେ ସରପଂଚ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସ୍ୱାତୀର କାର୍ଯ୍ୟକ୍ରମ ପରିଚାଳକ ପ୍ରଦୀପ ସ୍ୱାଇଁ ଯୋଗ ଦେଇ ଆନ୍ତର୍ଜାତୀୟ ଶ୍ରମ ଦିବସର ଗୁରୁତ୍ୱ, ଶ୍ରମିକ ମାନଙ୍କର ଅଧିକାର, ବିଭିନ୍ନ ଶ୍ରମ ଭିତିକ ସରକାରୀ ଯୋଜନା ଗୁଡିକରେ ରହିଥିବା ସୁବିଧା ସୁଯୋଗ ଗୁଡିକ ବିଷୟରେ ଆଲୋଚନା କରିଥିଲେ । ଗ୍ରାମବାସୀ ମାନଙ୍କୁ ଦିଆଯାଉଥିବା ଜବ୍ କାର୍ଡ, ଲେବର୍ କାର୍ଡ, ଜଙ୍ଗଲ ଜମି ଅଧିକାର ପ୍ରମାଣ ପତ୍ରରେ ରହିଥିବା ସୁବିଧା ଗୁଡିକ ସଂପର୍କରେ ମତ ଦେଇଥିଲେ । ସେହିପରି ବାହାର ରାଜ୍ୟକୁ କାମ ଖଟି ଯାଉଥିବା ଲୋକମାନେ ପଂଚାୟତ ବା ଶ୍ରମ ଅଫିସରେ ପଞ୍ଜିକୃତ ହେଲେ କିପରି ସୁବିଧା ସୁଯୋଗ ପାଇବେ ସେ ସଂପର୍କରେ ବକ୍ତା ମାନେ ଲୋକ ମାନଙ୍କୁ ବୁଝାଇଥିଲେ । ସ୍ୱାତୀର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ସଭା ପରିଚାଳନା କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ଶିବିର

କେନ୍ଦ୍ରାପଡ଼ା , ୦୩/୫ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଗତ ମାର୍ଚ୍ଚ ୧୪ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ଶିବିର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। ଶିବିରର ସଂଯୋଜିକା ଅଧାପିକା ସୁରିତା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୯୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷିକା ଶ୍ରୀମତୀ ସଂଯୁକ୍ତା ମହାନ୍ତି ଏବଂ ମାଷ୍ଟର୍ ଟ୍ରେନର୍ ସ୍ମିତିପ୍ରଜ୍ଞା ଝୁଂଟିଆ ଏବଂ ଅପର୍ଣ୍ଣା ସାମନ୍ତରାୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀ ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧାପିକା ଡ଼ ମମତା ସାହୁ, ନିବେଦିତା ନାୟକ, ବିଜୟଲକ୍ଷ୍ମୀ ଜେନା, ପ୍ରଭାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟାଳୟ ସହାୟକ ବଳରାମ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

# ସିଆଇଟିୟୁ ପକ୍ଷରୁ ଆର୍ନ୍ତଜାତିକ ଶ୍ରମ ଦିବସ ପାଳନ

କୋରେଇ, ୦୩/୫ (ନି.ପ୍ର): ପାଣିକୋଇଲି ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରପୁର ସ୍ଥିତ ସାମ୍ୟ ଭବନ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶା ନିର୍ମାଣ ୟୁନିଅନର ରାଜ୍ୟ ସମ୍ପାଦକ ଡାକ୍ତର ନିର୍ମଳ ରଥ ଅତିଥିଭାବେ ଯୋଗଦେଇ ପତାକା ଉତୋଳନ କରିଥିଲେ । ନିର୍ମାଣ ୟୁନିଅନର ଜିଲ୍ଲା ସଭାପତି ସୁରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଡା. ନିର୍ମଳ ରଥ, ମାଧବ କୁଣ୍ଡୁ, କୃପାସିନ୍ଧୁ ଭୂୟାଁ, ସୁରେଶ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସରକାରଙ୍କ ପୁଂଜିପତି ତୋଷଣ ଏବଂ ଶ୍ରମିକ ଓ କୃଷକ ମାରଣ ନିତୀ, ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, ୪୪ଟି ଶ୍ରମ ଆଇନକୁ ବଦଳାଇ ଶ୍ରମିକ ବିରୋଧି ୪ଟି ଶ୍ରମ କୋଡରେ ପରିଣତ କରିବା, ସରକାରୀ ଯୋଜନାରେ କାର୍ଯ୍ୟରତ ସ୍କିମ ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରୀରୁ ବଂଚିତ କରିବା, ସ୍ଥାୟୀ କାର୍ଯ୍ୟରେ ଠିକା ନିଯୁକ୍ତି ଦିଆଯିବା, ନୂତନ ପେନସନ ଆଇନ ପ୍ରଣୟନ କରି ଶ୍ରମିକ, କର୍ମଚାରୀ ଓ ଶିକ୍ଷକ ମାନଙ୍କୁ ପେନସନରୁ ବଂଚିତ କରିବା, ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷାକୁ ସଙ୍କୁଚିତ କରିବା, ସମ୍ପ୍ରଦାୟିକ ବିଭେଦ ସୃଷ୍ଟି କରିବା ଓ ସମ୍ବିଧାନ ପ୍ରତି ଦେଖାଦେଇଥିବା ବିପଦ ସମ୍ପର୍କରେ ଆଲୋଚନା କରିବା ସହିତ ସିଆଇଟିୟୁକୁ ସୁଦୃଢ କରି ଏହା ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ୍ର ଜେନା, ପ୍ରତ୍ୟୁଷ ସାହୁ, ଆଶିଷ ପଣ୍ଡା, ବନମାଳୀ ଭୂତିଆ, ଚନ୍ଦ୍ରମଣୀ ପଢିଆରୀ, କିର୍ତନ ସାହୁ, ଅନନ୍ତ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆସନ୍ତା ୧୧ ମଇରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୦୩/୫ (ନି.ପ୍ର): ଆସନ୍ତା ମଇ ୧୧ ତାରିଖ ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ନିଶିଥ୍ ନିଶାଙ୍କଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ବିଭାଗୀୟ ଅଦାଲତ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମାମଲା ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ଓ ନିଯୁକ୍ତି, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ପାରିବାରିକ ମାମଲା, ଜମି ଅଧିଗ୍ରହଣ, ରାଜସ୍ୱ, ବିଦ୍ୟୁତ ଓ ଜଳ, ଖାଉଟି, ସଂପତି ଅଧିକାର ମାମଲା, ଦେଓ୍ୱାନୀ ମୋକଦ୍ଦମା ସବୁ ଆପୋଷ ଆଲୋଚନା ତଥା ସହମତି ଭିଳିରେ ସମାଧାନ କରାଯାଏ । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ଅନ୍ୟାନ୍ୟ କଚେରୀରେ ଦାୟର ହୋଇନଥିବା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍ ସମେତ ବହୁ ଜନଉପଯୋଗୀ ମାମଲାମାନଙ୍କର ମଧ ଆପୋଷ ସହମତିରେ ସମାଧାନ କରାଯିବ । ଲୋକ ଅଦାଲତରେ ମୋକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ଅଟେ। ଯଦି କୌଣସି ବିଚାରାଧିନ ମାମଲାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ ତେବେ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ତେଣୁ ଜନସାଧାରଣ ସେମାନଙ୍କର ଯଦି କୌଣସି ମୋକଦ୍ଦମା ଦୀର୍ଘଦିନ ଧରି ଆଦାଲତରେ ଚାଲୁ ରହିଛି ତେବେ ଏହାର ସହଜ ସମାଧାନ ପାଇଁ ଅର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହାକୁ ଏକ ସୁଯୋଗ ମନେକରି ଉଭୟ ପକ୍ଷ ଅଦାଲତଙ୍କ ପାଖକୁ ଆସି ନିଜ ନିଜର ମାମଲାକୁ ଆପୋଷ ସମାଧାନ ମାଧମରେ ସମାଧାନ କରିବାହେବେ ।

# ଡକ୍ଟର ଲକ୍ଷ୍ମଣ ସାହୁଙ୍କୁ ଲେଖକ ସମ୍ମାନ



କଟକ , ୦୩/୫ (ନି.ପ୍ର): କଟକ ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ତଥା ବିଶିଷ୍ଟ ଗବେଷକ ଓ ବିଭିନ୍ନ ପ୍ରତିଷ୍ଠିତ ଦୈନିକ ଖବର କାଗଜରେ ସ୍ତମ୍ଭକାର ଭାବରେ ଗୌରବ ଅର୍ଜନ କରିଥିବା ଡକ୍ଟର ଲକ୍ଷ୍ମଣ ସାହୁଙ୍କୁ ଦୈନିକ ଖବରକାଗଜ ପ୍ରଗତିବାଦୀ ପକ୍ଷରୁ ନିୟମିତ ଲେଖକ ସମ୍ମାନରେ ସମ୍ମାନିତ କରାଯାଇଅଛି । ପ୍ରଗତିବାଦୀ ପକ୍ଷରୁ ଆୟୋଜିତ ପ୍ରଗତିବାଦୀ ସାହିତ୍ୟ ଉତ୍ସବ ସୃଜନୀ ସନ୍ଧ୍ୟାରେ ଛତିଶଗଡ଼ର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ, ହିନ୍ଦୀ କବି ଓ ସମାଲୋଚକ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ, ଶିକ୍ଷାବିତ ପ୍ରଫେସର ଧନେଶ୍ୱର ସାହୁ , ଶିଳ୍ପୀ ଗୁରୁ ପଦ୍ମଶ୍ରୀ ବିନୋଦ ମହାରଣା ଉପସ୍ଥିତ ରହି ଡକ୍ଟର ଲକ୍ଷ୍ମଣ ସାହୁଙ୍କୁ ପୁଷ୍ପ, ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଅଛି । ଏଥିପାଇଁ ଡକ୍ଟର ସାହୁ ପ୍ରଗତିବାଦୀର ଅଧକ୍ଷା ଶାଶ୍ୱତ ବଳ , ନିର୍ଦ୍ଦେଶିକା ମୋନାଲିସା ବଳ, କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ଓ ପରିବାର ବର୍ଗଙ୍କୁ ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ।

# ନିର୍ବାଚନ ପରିଚାଳନା କାର୍ଯ୍ୟରେ ଅସହଯୋଗ ପାଇଁ କାରଣ ଦର୍ଶାଅ ନୋଟିସ୍

କେନ୍ଦ୍ରାପଡ଼ା , ୦୩/୫ (ନି.ପ୍ର): ଚଳିତ ୨୦୨୪ ସାଧାରଣ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରାକ୍ ପ୍ରସ୍ତୁତି ଆଗେଇ ଚାଲିଛି । ଭୋଟଦାନ ପ୍ରକ୍ରିୟା ପରିଚାଳନା ପାଇଁ ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି । ଏହି ପ୍ରଥମ ଦଫା ତାଲିମ କାର୍ଯ୍ୟକ୍ରମ ରେ ଯୋଗ ନଦେଇ ଅସହଯୋଗ କରିଥିବା ବିଭିନ୍ନ ବର୍ଗର ୧୮୯ ଜଣ ଓ ଦ୍ୱିତୀୟ ଦଫା ତାଲିମ ରେ ଯୋଗ ଦେଇ ନଥିବା ୪୧ ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟରେ ଅସହଯୋଗ କରିଥିବା ଏହି କର୍ମଚାରୀ ମାନଙ୍କୁ ପ୍ରଥମ ଦଫା ପାଇଁ ଚଳିତ ମାସ ୪ ତାରିଖ ଓ ଦ୍ୱିତୀୟ ଦଫା ପାଇଁ ୫ ତାରିଖ ମଧରେ ଏହାର ଉପଯୁକ୍ତ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କର୍ମଚାରୀ ମାନଙ୍କ ମଧରେ ବିଭିନ୍ନ ବ୍ୟାଙ୍କର କର୍ମଚାରୀ, ଅଧାପକ, ଅଧାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, ଆର.ଆଇ, ଡାଟାଏଣ୍ଟ୍ରି ଅପରେଟର, କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ ଓ କିରାଣୀ ପ୍ରଭୃତି ଅଛନ୍ତି । ଏହି କର୍ମଚାରୀ ମାନଙ୍କ ତାଲିକା ସଂପୃକ୍ତ ବ୍ଲକର ବିଡିଓ ମାନଙ୍କୁ ପଠା ଯାଇଥିବା ବେଳେ ତୁରନ୍ତ ଏହି ନୋଟିସ୍ ସଂପୃକ୍ତ କର୍ମଚାରୀ ମାନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଉତର ସନ୍ତୋଷ ଜନକ ନହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚେତାବନୀ ଦେଇଛନ୍ତି ।

# ରାଜ୍ୟର ସାମ୍ବାଦିକ ସଙ୍ଗଠନ ଗୁଡ଼ିକ ଏକ ସମନ୍ୱୟ ସମିତି ଗଠନ କରନ୍ତୁ

ଭୁବନେଶ୍ୱର, ୦୩/୫ (ନି.ପ୍ର): ରାଜ୍ୟରେ କର୍ମଜୀବୀ ସାମ୍ବାଦିକମାନେ ବହୁଧା ବିଭକ୍ତ, ବହୁ ସାମ୍ବାଦିକ ସଙ୍ଗଠନ ଗଠିତ, ସାମ୍ବାଦିକ ସଙ୍ଗଠନ ଗୁଡ଼ିକ ମଧରେ ସମନ୍ୱୟ ନଥିବାରୁ ସରକାର ସାମ୍ବାଦିକ ମାନଙ୍କର ଦୀର୍ଘଦିନର ଦାବି ଗୁଡ଼ିକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି । ବର୍ତମାନ ସମୟର ଆହ୍ୱାନ ସବୁ ସାମ୍ବାଦିକ ସଙ୍ଗଠନର ନେତୃମଣ୍ଡଳୀ ନିଜଭିତରେ ବିଚାର ବିମର୍ଶ କରିବା ସହିତ ଏକ ସମନ୍ୱୟ ସମିତି ଗଠନ କରି ତା' ମାଧମରେ ଦାବି ଉପସ୍ଥାପନ କଲେ ତାହା ପ୍ରଭାବି ହେବ ଏବଂ ସାମ୍ବାଦିକ ମାନଙ୍କର ସମସ୍ୟା ସମାଧାନ ପାଇଁ ସରକାର ବାଧ ହେବେ । ଗତକାଲି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ନିକଟସ୍ଥ ବୁଲନ୍ ଭାଇ ସେବା ଭବନଠାରେ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ "ଆନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ "ଅବସରରେ ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି, ସଂଘର ରାଜ୍ୟ ସଭାପତି ମନୋଜ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବରେଣ୍ୟ ଅତିଥି ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ସମ୍ବାଦ ବିଭାଗର ପୂର୍ବତନ ବାର୍ତା ସମ୍ପାଦକ ଗୋପାଳ କୃଷ୍ଣ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ରାଜନୀତିକ ବିଶ୍ଳେଷକ ଅକ୍ଷୟ କୁମାର ସାହୁ, ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ଓ ଏମ.ବି.ସି ଟିଭିର ବାର୍ତା ସମ୍ପାଦକ ଜୟଦେବ ବେହେରା ଯୋଗଦେଇ ଥିଲେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ସାମ୍ବାଦିକ ମାନଙ୍କର ସାତ ଦଫା ଦାବିର ଗ୍ୟାରେଂଟି ପ୍ରଦାନ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳଙ୍କୁ ଦିଆଯାଇଥିବା ଦାବିପତ୍ର ବିଷୟରେ ସୂଚନା ଦେଇଥିଲେ । ଦାବିଗୁଡ଼ିକ ମଧରେ ରାଜ୍ୟର କର୍ମଜୀବୀ ସାମ୍ବାଦିକ ମାନଙ୍କ ନିମନ୍ତେ ଏକ ସ୍ୱଚ୍ଛ, ସ୍ୱଷ୍ଟ, କ୍ରିୟାଶୀଳ ଏବଂ ଉ ରଦାୟୀ ମିଡ଼ିଆ ପଲିସି କାର୍ଯ୍ୟକାରୀ, ସାମ୍ବାଦିକ ମାନଙ୍କୁ ବୃତିଗତ ସୁରକ୍ଷା ପାଇଁ ମହାରାଷ୍ଟ୍ର ଓ ଛତିଶଗଡ଼ ଭଳି ଆଇନ୍ ପ୍ରଣୟନ, ଅବସରପ୍ରାପ୍ତ ସାମ୍ବାଦିକ ପେନ୍‌ସନ୍ ଯୋଜନା ଲାଗୁ ଓ ମାସିକ ଦଶହଜାର ଟଙ୍କାର ପେନ୍‌ସନ୍ ପ୍ରଦାନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ନିର୍ଭରଶୀଳ ଭାବେ ବାପା ଓ ମାଆଙ୍କୁ ଅନ୍ତର୍ଭୁକ୍ତ କରାଯାଉ । ରାଜ୍ୟ ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହାର ସମୀକ୍ଷା କରାଯାଇ ଆବଶ୍ୟକ ସଂଶୋଧନ ଓ ପରିବର୍ତନ କରାଯାଉ, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଥିବା କର୍ମଜୀବୀ ସାମ୍ବାଦିକଙ୍କୁ ବ୍ଲକ / ଉପଖଣ୍ଡ / ଜିଲ୍ଲା / ରାଜ୍ୟ ସ୍ତରରେ ୩ ଡେସିମିଲ୍ ବାସଗୃହ ଉପଯୋଗୀ ଜମି ମାଗଣାରେ ଯୋଗାଇ ଦିଆଯାଉ, ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠିର ସ୍ଥାୟୀ ଜମା ୨୦ କୋଟିକୁ ବୃଦ୍ଧି କରାଯାଉ ପ୍ରମୁଖ ଦାବି ଉପସ୍ଥାପନା କଲେ । ଶେଷରେ ବରିଷ୍ଠ ସଭ୍ୟ ରାମେଶ୍ୱର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିପିଲି ବାର ଆସୋସିଏସନ୍‌ର ନବନିର୍ବାଚିତ ସଭାପତି ରାଜକିଶୋର ସ୍ୱାଇଁ (ସଂଘର ସାଧାରଣ ସମ୍ପାଦକ)ଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଉ ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡ଼ା ସମାଜସେବୀ ରବୀନ୍ଦ୍ର ପଲାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅତିଥିବୃନ୍ଦଙ୍କୁ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା ।

# ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଆର୍ଯ୍ୟଭଟ୍ଟ



ଜ୍ଞାନ-ବିଜ୍ଞାନର ମହନୀୟ ଭୂମି ପବିତ୍ର ଭାରତବର୍ଷ । ପ୍ରାଚୀନ ଭାରତର ମୁନୀ, ଋଷି ଏବଂ ବୈଜ୍ଞାନିକମାନେ ସେମାନଙ୍କ ମହାନ ସାଧନା ବଳରେ ଯେଉଁ ଉଦ୍ଭାବନ ଓ ଆବିଷ୍କାର ସବୁ କରିଯାଇଛନ୍ତି, ସେଗୁଡ଼ିକ ଆଜି ବି ଉପାଦେୟ ସାବ୍ୟସ୍ତ ହୋଇପାରିଛି ।

### ବିଦ୍ୱାନଙ୍କ ଦେଶ ଭାରତ

ପ୍ରାଚୀନ ଭାରତବର୍ଷର ବିଦ୍ୱାନ ଆର୍ଯ୍ୟଭଟ୍ଟ ଏକାଧାରରେ ଥିଲେ ଜଣେ ମହାନ ବୈଜ୍ଞାନିକ, ବିଚକ୍ଷଣ ଗଣିତଜ୍ଞ ଓ ଜ୍ୟୋର୍ତିବିଜ୍ଞାନୀ । ୪୭୬ ଖ୍ରୀଷ୍ଟାବ୍ଦରେ ମଗଧ ଅନ୍ତର୍ଗତ ପାଟଳୀପୁତ୍ରରେ ଆର୍ଯ୍ୟଭଟ୍ଟଙ୍କ ଜନ୍ମ। ଭାରତର ସୁବର୍ଣ୍ଣଯୁଗ ବୋଲାଉଥିବା ଗୁପ୍ତ ଶାସନ ସମୟରେ ହିଁ ସେନିଜର ଗବେଷଣା ଆରମ୍ଭ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ ଆର୍ଯ୍ୟଭଟ୍ଟୀୟ ନାମକ ଏକ ଗବେଷଣା ଲବ୍ଧ ଗ୍ରନ୍ଥ । ଜ୍ୟୋର୍ତିର୍ବିଜ୍ଞାନ, ତ୍ରିକୋଣମିତି, ଗଣିତ ବା ଏରିଥମେଟିକ୍, ବୀଜଗଣିତ ବା ଆଲଜେବ୍ରା ଏବଂ ସମତଳ ତ୍ରିକୋଣମିତି ଆଦି ବିଷୟରେ ନାନାଦି ଦୁର୍ଲଭ ସୂତ୍ରାବଳୀ ଉପସ୍ଥାପନ କରାଯାଇଥିଲା ଉକ୍ତ ପୁସ୍ତକରେ । ଗଣିତ ସହିତ ଜ୍ୟୋତିବିଜ୍ଞାନର ସମ୍ପର୍କ ସ୍ଥାପନ କରିବାରେ ସେ ଥିଲେ ବିଶ୍ୱର ପ୍ରଥମ ବିଦ୍ୱାନ ବ୍ୟକ୍ତିତ୍ୱ । ତ୍ରୟୋଦଶ ଶତାବ୍ଦୀରେ ଉକ୍ତ ପୁସ୍ତକଟି 'ଲାଟିନ୍' ଭାଷାରେ ଅନୂଦିତ ହେବା ପରେ ପାଶ୍ଚାତ୍ୟ ଦେଶର ଗଣିତଜ୍ଞମାନେ ଏସବୁ ବିଷୟରେ ଜାଣିବାକୁ ସକ୍ଷମ ହୋଇଥିଲେ। 'ଆର୍ଯ୍ୟଭଟ୍ଟୀୟ' ପୁସ୍ତକର ସୂତ୍ରାବଳୀକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ତ୍ରିଭୁଜଙ୍କର କ୍ଷେତ୍ରଫଳ, ଗୋଲକର ଆୟତନ ତଥା ବର୍ଗମୂଳ ଓ ଘନମୂଳ ନିର୍ଣ୍ଣୟ ପଦ୍ଧତିର ସୂତ୍ରପାତ ହୋଇଥିଲା । ସେ ପ୍ରଦାନ କରିଯାଇଥିବା ତ୍ରିଭୁଜ ଏବଂ ବୃତ୍ତ ସମ୍ବନ୍ଧୀୟ ସୂତ୍ରାବଳୀ, ପାଇର ମୂଲ୍ୟ, ତ୍ରିକୋଣମିତି ସମ୍ବନ୍ଧୀୟ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେଉଛି ।

### ଜ୍ୟୋତିର୍ବିଜ୍ଞାନ ତଥ୍ୟ

ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନେକ ଅନାଲୋଚିତ ଦିଗ ଓ ତଥ୍ୟ ଆବିଷ୍କାର କରିଥିଲେ ଆର୍ଯ୍ୟଭଟ୍ଟ । ପୃଥିବୀ ଗୋଲାକାର ଏବଂ ଏହା ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ସହ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ମଧ୍ୟ ପରିଭ୍ରମଣ କରୁଛି ବୋଲି ଆର୍ଯ୍ୟଭଟ୍ଟ ହିଁ ପ୍ରଥମେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଏତଦ୍ ବ୍ୟତୀତ ଦିବାରାତ୍ର ହେବାର ତଥ୍ୟ, ଋତୁ ପରିବର୍ତ୍ତନର କାରଣ ସଂପର୍କରେ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ । ଚନ୍ଦ୍ର ପୃଥିବୀର ଉପଗ୍ରହ ଓ ଏହା ପୃଥିବୀ ଚାରି ପଟେ ପରିଭ୍ରମଣ କରୁଥିବା ତଥା ନିଜସ୍ୱ ଆଲୋକ ନ ଥାଇ ଏହା ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହେଉଥିବା କଥା ସେ ହିଁ ପ୍ରଥମେ ସମଗ୍ର ପୃଥିବୀବାସୀଙ୍କୁ ଜଣାଇଥିଲେ । ଏତଦ୍‌ବ୍ୟତୀତ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ, ପୃଥିବୀର ପରିସୀମା, ବର୍ଷ ଗଣନା, ମାଧ୍ୟାକର୍ଷଣ ଶକ୍ତି ଇତ୍ୟାଦିର ସଠିକ୍ ତଥ୍ୟ ମଧ୍ୟ ଆର୍ଯ୍ୟଭଟ୍ଟଙ୍କ ଗବେଷଣାର ଅଂଶବିଶେଷ ଥିଲା । ତାଙ୍କ ଦ୍ୱାରା ଲିଖିତ 'ଆର୍ଯ୍ୟସିଦ୍ଧାନ୍ତ' ଗ୍ରନ୍ଥ ବହୁ ଜ୍ୟୋତିବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସହ ହିନ୍ଦୁ କ୍ୟାଲେଣ୍ଡର ପ୍ରସ୍ତୁତିରେ ସହାୟକ ହେଉଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ବିଶ୍ୱ ଯେଉଁ ବୈଜ୍ଞାନିକମାନଙ୍କୁ ଉପରୋକ୍ତ ଆବିଷ୍କାର ପାଇଁ ଶ୍ରେୟ ପ୍ରଦାନ କରୁଛି, ସେମାନଙ୍କ ଠାରୁ ହଜାରେ ବର୍ଷ ପୂର୍ବରୁ ଭାରତୀୟ ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଏସବୁର ନିର୍ଭୁଲ ତଥ୍ୟ ପ୍ରଦାନ କରିଯାଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ପୃଥିବୀର ଇତିହାସ ଲେଖିଥିବା ଐତିହାସିକଗଣ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନର ପ୍ରକୃତ ମହତ୍ତ୍ୱ ଆଜି ପ୍ରତିପାଦିତ ହୋଇପାରୁନାହିଁ। ପ୍ରାଚୀନ ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକଙ୍କ ମହତ୍ତ୍ୱର ସମୟୋଚିତ ପ୍ରଚାର ଓ ପ୍ରସାର କରାଗଲେ ଏହା ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରମାଣିତ ହୋଇପାରିବ ।







# ଦୂର କରନ୍ତୁ 'ମନ୍‌ଡେ ବ୍ଲୁ'

ୱିକେଣ୍ଡ ଗୁଡ଼ିକ ଖୁବ ଶୀଘ୍ର କଟିଯାଏ। ସୋମବାର ପୁଣି କେତେବେଳେ ଆସିଯାଏ ଜଣାପଡ଼େନି। ନିଦରୁ ଉଠି ଅଫିସ ଯିବାକୁ ହେବ ବୋଲି ଭାବିଲା ମାତ୍ରେ ମିଜାଜ ବିଗିଡ଼ିଯାଏ। ଅଫିସ ଯାଇ ମଧ୍ୟ କାମରେ ମନ ଲାଗେନାହିଁ। ଲଞ୍ଚ ସମୟ ପର୍ଯ୍ୟନ୍ତ ନିଦୁଆ ନିଦୁଆ ଲାଗେ। କେବଳ ଆପଣ ନୁହନ୍ତି, ଅନେକ ଲୋକ ସୋମବାର କାର୍ଯ୍ୟରେ ଯୋଗ ଦେବା କଥା ଭାବିବା ମାତ୍ରେ ଛାନିଆ ହୁଅନ୍ତି। ଏହାକୁ ମନସ୍ତାତ୍ତ୍ୱିକ ଭାଷାରେ କୁହାଯାଏ 'ମନ୍‌ଡେ ବ୍ଲୁ'। ଜାଣନ୍ତୁ 'ମନଡେ ବ୍ଲୁ' ଦୂର କରିବାର ଉପାୟ।



- କାଉଣ୍ଟଡାଉନ୍ ଆରମ୍ଭ କରନ୍ତୁ। ଆଜି ସୋମବାର, ମାନେ ଆଉ ୫ଦିନ। ଏହାପରେ ଆପଣ ପୁଣିଥରେ ଉପଭୋଗ କରିପାରିବେ ୱିକେଣ୍ଡ୍। ବିଭିନ୍ନ କର୍ପୋରେଟ୍ ସେକ୍ଟରର ୫ ଦିନିଆ ୱିକେଣ୍ଡ୍ ହୋଇଥାଏ।

- ସୋମବାର ସକାଳୁ ଉଠି ଅଫିସ ଯିବା କଥା ଭାବିଲେ ମୁଡ୍ ଅଫ୍ ହୋଇଯାଏ। ଅଫିସ କଥା ନଭାବି ଭାବନ୍ତୁ ୱିକେଣ୍ଡ୍‌କୁ ଆପଣ କେମିତି ଉପଭୋଗ କଲେ। ମଜା କରି ବା ଆରାମ କରି କିପରି ଛୁଟି କାଟିଛନ୍ତି ସେ କଥା ମନେ ପକାଇବାକୁ ଚେଷ୍ଟା କଲେ ମନ ଭଲ ହୋଇଯିବ। ଥରେ ମୁଡ୍ ଭଲ ହୋଇଗଲେ ଦେଖିବେ ଆପଣଙ୍କର ଯିବାକୁ ବିଶେଷ ସମସ୍ୟା ହେବନାହିଁ।

- ନିଜର କାମ ନେଇ ସକାରାତ୍ମକ ଭାବନା ରଖନ୍ତୁ। ଭଲ ଓ ବିଳାସବ୍ୟସନରେ ବଂଚିବା ପାଇଁ ଅର୍ଥଟା ଆବଶ୍ୟକ ରହିଛି। ଆଉ ଏହି ଅର୍ଥ ଆପଣ ଚାକିରି କ୍ଷେତ୍ରରୁ ଆସୁଛି। ତେଣୁ କାମ କରିବା କ୍ଷେତ୍ରରେ ସକାରାତ୍ମକ ମନୋଭାବ ସୃଷ୍ଟି କରନ୍ତୁ। ଦେଖିବେ ସୋମବାର କଥା ଭାବିଲେ ଆଉ ମନଦୁଃଖ ହେବନି।

- ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ୱିକେଣ୍ଡ୍ ଛୁଟି କଥା ଚିନ୍ତା କରିପାରନ୍ତି ନାହିଁ। ସାମ୍ବାଦିକ, ଚିକିତ୍ସକ ବା କଲସେଣ୍ଟର୍‌ରେ ଚାକିରି କରିଥିବା ଲୋକମାନଙ୍କୁ ରବିବାରରେ ବି ଅଫିସ ଯିବାକୁ ପଡ଼ିଥାଏ । ଥରେ ଭାବନ୍ତୁ ତ ସେମାନଙ୍କ ତୁଳନାରେ ଆପଣ କେତେ ଭାଗ୍ୟବାନ।

- ମନଡେ ବ୍ଲୁ ବିଷୟଟି ସମ୍ପୂର୍ଣ୍ଣ ଭାବେ ମାନସିକ। ସପ୍ତାହରେ ପ୍ରଥମଦିନ। ତେଣୁ ଦିନେ ବା ଦୁଇଦିନ ଛୁଟି କାଟିବା ପରେ ପୁଣିଥରେ କାମରେ ଯୋଗଦେବା ପାଇଁ ମନକୁ ପ୍ରସ୍ତୁତ କରିବାକୁ ସମୟ ଲାଗେ।



# ଭଲ ନିଦ ପାଇଁ 'ନିଦ୍ରା ବିଚ୍ଛେଦ'

**ଆଜିକାଲି ଦମ୍ପତିଙ୍କ ଭିତରେ 'ନିଦ୍ରା ବିଚ୍ଛେଦ' ବା 'ସ୍ଲିପ୍ ଡିଭୋର୍ସ' ନାମକ ଏକ ଧାରାର ଗ୍ରହଣୀୟତା ବଢ଼ିବାରେ ଲାଗିଛି। ଶୟନ ବ୍ୟବସ୍ଥା ସହ ଜଡ଼ିତ ଏହା ଏପରି ଏକ ଅବସ୍ଥା, ଯେଉଁଥିରେ ଉଭୟ ଜୀବନସାଥୀ ନାନା କାରଣରୁ ଗୋଟିଏ ଶଯ୍ୟାରେ ଏକାଠି ନଶୋଇ ଭିନ୍ନ ଶଯ୍ୟା ତଥା ଶୟନକକ୍ଷ ଆପଣେଇବାକୁ ପସନ୍ଦ କରୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ସମ୍ପର୍କରେ କୌଣସି ତିକ୍ତତା ବା ବୈବାହିକ ସମସ୍ୟା ଯୋଗୁଁ ଯେ ସେମାନେ ଏପରି କରୁଛନ୍ତି ତାହା ନୁହେଁ, ବରଂ ଉଭୟଙ୍କର ଶୟନ ଶୈଳୀ, ଶୟନସୂଚୀ ଓ ଶୟନ ଅଭ୍ୟାସରେ ରହିଥିବା ପାର୍ଥକ୍ୟ ଯୋଗୁଁ 'ନିଦ୍ରା ବିଚ୍ଛେଦ'କୁ ଗ୍ରହଣ କରୁଛନ୍ତି। କାରଣ ଅଲଗା ଶୋଇବା ଦ୍ୱାରା ଜଣେ ଅନ୍ୟ ଜଣଙ୍କର ଶୟନରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହୁନାହିଁ। ତେବେ ନିବିଡ଼ ସମ୍ପର୍କ ଭିତରେ ଉ ମ ଆପୋସ ବୁଝାମଣା ସହ 'ସ୍ଲିପ୍ ଡିଭୋର୍ସ' ଆପଣେଇବା ବୟସ୍କ ଦମ୍ପତିଙ୍କ ପାଇଁ ସୁସ୍ଥ ସମାଧାନ ବୋଲି ମତ ପ୍ରକାଶ ପାଇଛି। ବିଭିନ୍ନ କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ଶୟନ ସୂଚୀ, ଶୈଳୀ ଓ ଅଭ୍ୟାସରେ ପାର୍ଥକ୍ୟ ରହୁଛି। ଏଥିଲାଗି ଆପୋସ ବୁଝାମଣା ସହ 'ନିଦ୍ରା ବିଚ୍ଛେଦ' ଏକ ସୁସମାଧାନ ବୋଲି ମତ ପ୍ରକାଶ ପାଇଛି...**

ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ଶୋଇବା ସମୟରେ ତାଳମେଳ ରହିବା ଦିନକୁ ଦିନ କଷ୍ଟକର ହେଉଛି। ଜଣେ ରାତି ଅନିଦ୍ରା ହେବାକୁ କିମ୍ବା ବିଳମ୍ବରେ ନିଦ୍ରା ଯିବାକୁ ପସନ୍ଦ କରୁଥିବା ବେଳେ ଜଣେ ଶୀଘ୍ର ଶଯ୍ୟା ଯିବାକୁ ବ୍ୟଗ୍ର ହୋଇଥା'ନ୍ତି। ଫଳରେ ନିୟମିତ ଶୟନ ସମୟ ସୂଚୀରେ ଉଭୟଙ୍କର ବିବାଦ ଦେଖାଦେଇଥାଏ। ସେହିପରି ଜଣଙ୍କର ଗାଢ଼ ନିଦରେ ଖୁବ୍ ଜୋରରେ ଘୁଙ୍ଗୁଡ଼ି ମାରିବାର ଅଭ୍ୟାସ ଥିଲେ ଅନ୍ୟ ଜଣକର ନିଦ ଭାଙ୍ଗିଯିବା ସ୍ୱାଭାବିକ। ତେଣୁ ବିଶ୍ରାମ ପାଇଁ ଉଭୟ ପରସ୍ପରଠାରୁ ଅଲଗା ଶୟନ ବ୍ୟବସ୍ଥା ବାଛିନେବା ଠିକ୍ ହେବ। ସେହିପରି ଜଣେ ଟିକେ ଉଷ୍ମ ପରିବେଶରେ ଶୋଇବାକୁ ପସନ୍ଦ କରୁଥିବା ବେଳେ ଅନ୍ୟ ଜଣଙ୍କର ଟିକେ ଶୀତୁଆ ପରିବେଶ ଦରକାର ପଡ଼ିଥାଏ। ସୁତରାଂ ଉଭୟଙ୍କ ପାଇଁ ଏକାଠି ଶୋଇବା ଆଦୌ ଆରାମଦାୟକ ହୋଇନପାରେ। ଆଉ ଏକ ବଡ଼ ଅସୁବିଧା ନିଦ୍ରାବସ୍ଥାରେ ଗଡ଼େଇତଡ଼େଇ ହେବା। ଜଣେ ନିଜର ଶାରୀରିକ ପୀଡ଼ା ଯୋଗୁଁ ଏପରି କରୁଥାଇପାରେ, ମାତ୍ର ତାହା ଦ୍ୱାରା ସେ ଶଯ୍ୟାର ସିଂହଭାଗକୁ ବ୍ୟବହାର କରୁଥିବା ବେଳେ ସାଥୀ ଜଣକ ଅନନ୍ୟୋପାୟ ହୋଇ କଡ଼ରେ ଜାକିଜୁକି ହୋଇ ରହିବାକୁ ବାଧ୍ୟ ହୁଏ। ଏ ପ୍ରକାର 'ନିଦ୍ରା ବିଚ୍ଛେଦ' ହୁଏତ କାହାକୁ ଅଣପାରମ୍ପରିକ ଲାଗୁଥାଇପାରେ, ମାତ୍ର ପତିପତ୍ନୀଙ୍କ ସୁଖନିଦ୍ରା ପାଇଁ ଏହା ଏକ ଉତ୍ତମ ସମାଧାନ। ସେଥିପାଇଁ ଉଭୟ ଉଦାର ହୃଦୟରେ ପରସ୍ପର ସହ ନିଜର ନିଦ୍ରା ଅଭ୍ୟାସ ଓ ସମସ୍ୟା ବାବଦରେ ଆଲୋଚନା କରି ଭିନ୍ନ ଶଯ୍ୟା, ଆବଶ୍ୟକ ସ୍ଥଳେ ଭିନ୍ନ ଶୟନକକ୍ଷର ବ୍ୟବସ୍ଥା କରିବା ଉଚିତ ବୋଲି ଗବେଷକ ମତ ରଖିଛନ୍ତି।



# ବରଫ ଯୋଗୁଁ ରୋଗ



ଏବେ ଦେଶର ଅଧିକାଂଶ ସହରର ତାପମାତ୍ରା ପ୍ରତିଦିନ ବଢ଼ିବାରେ ଲାଗିଛି । ଫଳରେ ଏଥିରୁ ସାମାନ୍ୟ ଆରାମ ପାଇବା ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଥଣ୍ଡା ପାନୀୟ (ସରବତ, ଜୁସ୍) ସହ ଆଇସକ୍ରିମ, ବରଫଗୋଲା ଆଦି ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଲାଣି। ଯଦି ଆପଣ ମଧ୍ୟ ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ବରଫ ମିଶ୍ରିତ ଏଭଳି ପାନୀୟକୁ ପିଇବାକୁ ମନ କରୁଛନ୍ତି, ତେବେ ସତର୍କ ହୋଇଯାନ୍ତୁ। କାରଣ ନିକଟରେ ବମ୍ବେ ମହାନଗର ନିଗମ (ବିଏମସି) ଏଭଳି ଦୋକାନମାନଙ୍କରେ ବ୍ୟବହାର କରାଯାଉଥିବା ବରଫର କେତେକ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଥିଲେ। ଏଗୁଡ଼ିକ ଖାଇବା ଉପଯୋଗୀ କି ନାହିଁ ତାହା ପରୀକ୍ଷା କରାଯିବାରୁ ଅଣାଯାଇଥିବା ବରଫ ନମୁନାରୁ ପାଖାପାଖି ୯୫ ପ୍ରତିଶତ ଫେଲ ହୋଇଥିଲା। ଅନ୍ୟପଟେ ୭୪ ପ୍ରତିଶତ ବରଫ ନମୁନାରେ ପେଟ ରୋଗ ସୃଷ୍ଟି କରୁଥିବା ଇ-କୋଲି ବ୍ୟାକ୍ଟେରିଆ ମିଳିଥିଲା। ସୂଚନା ଅନୁସାରେ, ବିଏମସି ବିଭିନ୍ନ ଥଣ୍ଡାପାନୀୟ ଦେନାକାନରୁ ୩୬୩ଟି ବରଫ ନମୁନା ସଂଗ୍ରହ କରିଥିଲା। ଯାଂଚ ପରେ ଏଥିମଧ୍ୟରୁ ୩୪୬ ନମୂନା ଖାଇବା ଉପଯୋଗି ନଥିବା ଜଣାପଡ଼ିଥିଲା। ଯାହା ମଧ୍ୟରୁ ୨୭୦ଟି ନମୂନାରେ ଇ-କୋଲି ବ୍ୟାକ୍ଟେରିଆ ରହିଥିଲା। ଏ ସମ୍ପର୍କରେ କେଇଏମ ଡାକ୍ତରଖାନର ଡାକ୍ତର ଅବିନାଶ ସୁପେ କହନ୍ତି, ଏହି ବ୍ୟାକ୍ଟେରିଆ କାରଣରୁ ମଣିଷ ଛାତି ଓ ପେଟରେ ସଂକ୍ରମଣ, ବାନ୍ତି, ଜ୍ୱର ଆଦି ଭଳି ସମସ୍ୟା ହୋଇଥାଏ। ତେଣୁ ଏସବୁ ଜିନିଷ ଠାରୁ ଯଥା ସମ୍ଭବ ଦୂରେଇ ରହିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ ବୋଲି ସେ ପରାମର୍ଶ ଦେଇଛନ୍ତି।

# ଘରେ ସହଜରେ ବନେଇ ପାରିବେ 'ଟମାଟୋ ରସମ୍'



ଖାଦ୍ୟ ପ୍ରିୟ ଲୋକଙ୍କ ପାଇଁ ଆମେ ଆଣିଛୁ ଏକ ଚଟପଟା ରେସିପି । ଏହି ରେସିପିଟିକୁ ବନେଇବା ଯେତେ ସହଜ, ସ୍ୱାଦ ମଧ୍ୟ ସେମିତି ଦମଦାର । ଘରେ ଏହାକୁ ପ୍ରସ୍ତୁତ କରନ୍ତୁ ଓ ପରିବାର, ସାଙ୍ଗସାଥୀଙ୍କ ସହ ଖାଇବାର ମଜା ନିଅନ୍ତୁ। ଖାଦ୍ୟରେ ଖଟା ବା ଆଚାର ଥିଲେ ଖାଇବାର ସ୍ୱାଦ ଆହୁରି ବଢିଯାଏ। ସେଥିପାଇଁ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ ଚଟପଟା 'ଟମାଟୋ ରସମ୍' । ଏହାକୁ ବନେଇବା ଅତି ସହଜ ଓ ସରଳ ଅଟେ । ତେବେ ଚାଲନ୍ତୁ ଜାଣିବା ଏହାକୁ କିଭଳି ପ୍ରସ୍ତୁତ କରାଯାଏ ।

ଆବଶ୍ୟକ ସାମଗ୍ରୀ: ଟମାଟୋ, ତେନ୍ତୁଳି, ଶୁଖିଲା ଲଙ୍କା, ଧନିଆ ପତ୍ର, ହେଙ୍ଗୁ, ପଞ୍ଚଫୁଟଣ, ଭୃସଙ୍ଗ ପତ୍ର, ରସୁଣ, ଲୁଣ, ହଳଦୀ ଓ ଗୋଲମରିଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ତେନ୍ତୁଳିକୁ ପାଣିରେ କିଛି ସମୟ ଭିଜାଇ ଦିଅନ୍ତୁ। ଏହାପରେ ତେନ୍ତୁଳି ବାହାର କରି ପାଣିକୁ ଅଲଗା କରି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଅଳ୍ପ ସୋରିଷ, ଭୃସଙ୍ଗପତ୍ର ଓ ହେଙ୍ଗୁ ପକାନ୍ତୁ। ଏହାପରେ ଛୋଟ ଛୋଟ ଖଣ୍ଡରେ କଟାଯାଇଥିବା ଟମାଟୋକୁ ଏଥିରେ ପକାଇ ନରମ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଟମାଟୋ ଟିକେ ନରମ ହୋଇ ଆସିଲେ ସେଥିରେ ହଳଦୀ, ରସୁଣ(ଗୋଟା ପକାଇପାରିବେ ଅବା ଛୋଟ ଛୋଟ ଖଣ୍ଡ କରି ପକାଇପାରିବେ) ଏହାପରେ ଗୋଲମରିଚ ଓ ଜିରା ଗୁଣ୍ଡ ପକାଇ ଘାଣ୍ଟନ୍ତୁ। ତା'ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ତେନ୍ତୁଳି ପାଣିକୁ ଏଥିରେ ପକାନ୍ତୁ। ଏହାପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାକୁ କିଛି ସମୟ ଫୁଟିବାକୁ ଛାଡି ଦିଅନ୍ତୁ। ଫୁଟିବାର କିଛି ସମୟ ପରେ ଏଥିରେ ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ରସମ୍। ଏହାକୁ ଆପଣ ଗରମ ଗରମ ଭାତ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୪ ମଇ ୨୦୨୪, ଶନିବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏଆଇର କାରନାମା...

ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ବା କୃତ୍ରିମ ବୁଦ୍ଧିମତ୍ତାକୁ ବର୍ତ୍ତମାନ ସମୟର ପ୍ରଯୁକ୍ତି ବିଦ୍ୟାର ଅନ୍ୟତମ ଶ୍ରେଷ୍ଠ ଆବିଷ୍କାର କୁହାଯାଉଛି । ଏହା ମଣିଷର କଥନ ଓ ଲିଖନ, ଉଭୟ କ୍ଷେତ୍ରରେ ବେଶ୍ କିଛି କାମକୁ ସହଜତର କରି ଦେଉଛି । ତେଣୁ ପ୍ରଯୁକ୍ତି ବିଶ୍ୱରେ ଏହାର ଦ୍ରୁତ ପ୍ରସାର ଘଟି ଚାଲିଛି । ଏହି ପରିପ୍ରେକ୍ଷୀରେ ତେଣୁ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଏଆଇର ଉପଯୋଗ କରାଯାଇ ସମ୍ପୂର୍ଣ୍ଣ ଭାବରେ ନକଲ କରାଯାଇଥିବା ବା ଡିପ୍‌ଫେକ୍ ଭିଡିଓଗୁଡ଼ିକ କାମରେ ଲଗାଯିବ ବୋଲି ଚର୍ଚ୍ଚା ହେଉଥିଲା । ଏବେ ତାହା ବାସ୍ତବ କ୍ଷେତ୍ରରେ ଘଟିଥିବା ଜଣାପଡ଼ିଛି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କର ଏକ ଭିଡିଓ ଜାରି କରାଯାଇଛି ଯେଉଁଥିରେ ତାଙ୍କର ବିବୃତିର ଅର୍ଥକୁ ଅନର୍ଥ କରାଯାଇଛି । ଏହି ଭିଡିଓ ନିର୍ବାଚନ ସମୟରେ ସ୍ଥାନ ସଂରକ୍ଷଣ ଏବଂ ଧର୍ମ-ଆଧାରିତ କୋଟା ବିଷୟରେ ଏପରି ଏକ ବିଦ୍ୱେଷପୂର୍ଣ୍ଣ ବାର୍ତ୍ତା ପ୍ରସାର କରିଛି, ଯାହା ଏହି ଉଦୀୟମାନ ପ୍ରଯୁକ୍ତି ଦ୍ୱାରା ଏକ ବାର୍ତ୍ତାକୁ ବିପଦ ଭାବରେ ସମାଜରେ ଉପସ୍ଥାପିତ କରିଛି । କେବଳ ଶ୍ରୀଯୁକ୍ତ ଶାହଙ୍କର ନୁହେଁ, ପୂର୍ବତନ କ୍ରିକେଟର ସଚିନ୍ ତେନ୍ଦୁଲକର ଏବଂ ବଲିଉଡ୍ ଅଭିନେତ୍ରୀଙ୍କ ଭଳି ସେଲିବ୍ରିଟିମାନଙ୍କ ବ୍ୟକ୍ତିଗତ ଜୀବନ ଭିତରକୁ ପ୍ରବେଶ କରିବାର ମଧ୍ୟ ଏଆଇ ଉଦ୍ୟମ କରିଛି, ଯାହା କେବଳ ଉତ୍ତେଜନାପୂର୍ଣ୍ଣ ଭାବନାଟିଏ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଭିପ୍ରେତ ଓ ଶୀର୍ଷ ସ୍ଥାନୀୟ ରାଜନେତାମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ପ୍ରଦାନ କରାଯାଉଥିବା ଟୀକା ଟିପ୍ପଣୀକୁ ବିକୃତ ବିକଳାଙ୍ଗ କରିବା ଉଦ୍ଦେଶ୍ୟରେ ଏଆଇକୁ ବ୍ୟବହାର କରାଯାଉଥିବା ଦୃଷ୍ଟିରୁ ଏହି ପ୍ରସଙ୍ଗ ବର୍ତ୍ତମାନ ସୋସିଆଲ ମିଡିଆର ଉପଯୋଗ କରି ଏହାର ବ୍ୟାପକ ପ୍ରସାରଣ ଯୋଗୁଁ ଯେଉଁ ପରିସ୍ଥିତି ସୃଷ୍ଟି କରିବ, ତାକୁ ରୋକିବା ଆଇନ ଶୃଙ୍ଖଳା ରକ୍ଷାକାରୀ କର୍ତ୍ତୃପକ୍ଷମାନଙ୍କ ନିମନ୍ତେ ଏକ ବଡ଼ ଆହ୍ୱାନ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ଶାସକ ଦଳର ମୁଖ୍ୟ ତଥା ବିରୋଧୀ ଦଳମାନଙ୍କର ନେତାମାନଙ୍କ ବିବୃତିକୁ ଏଆଇ ବଳରେ ବିକୃତ ବିକଳାଙ୍ଗ କରି ପରିବେଷଣ କରାଯିବା ହୁଏତ ନିର୍ବାଚନରେ ଫାଇଦା ପାଇବା ଉଦ୍ଦେଶ୍ୟରେ କରାଯାଉଥାଇପାରେ, କିନ୍ତୁ ସେଗୁଡ଼ିକ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ଆସ୍ଥା ରଖିଥିବା ଭାରତୀୟ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାର ପର୍ଯ୍ୟାପ୍ତ ସମ୍ଭାବନାକୁ ବହନ କରେ। ଅମିତ ଶାହଙ୍କ ବିବୃତିକୁ ବିକୃତ କରାଯାଇ ଯେଉଁ ଭିଡିଓଟି ପ୍ରସାରିତ ହୋଇଛି, ତାହା ତାଙ୍କୁ ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍) ଏବଂ ଅନ୍ୟାନ୍ୟ ପଛୁଆ ଶ୍ରେଣୀ (ଓବିସି)ମାନଙ୍କ ନିମନ୍ତେ ରହିଥିବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ କହୁଥିବା ଜଣେ ନେତା ଭାବରେ ଉପସ୍ଥାପନ କରୁଛି, ଯେତେବେଳେ କି ସେ କେବଳ ଏତିକି କହିଥିଲେ ଯେ ତେଲେଙ୍ଗାନାରେ ଯଦି ବିଜେପି ନିର୍ବାଚନରେ ବିଜୟୀ ହୋଇ କ୍ଷମତାକୁ ଆସେ, ତା'ହେଲେ ଧର୍ମ ଭିତ୍ତିରେ ମୁସଲମାନମାନଙ୍କ ନିମନ୍ତେ ରହିଥିବା ସ୍ଥାନ ସଂରକ୍ଷଣକୁ ପ୍ରତ୍ୟାହାର କରି ନିଆଯିବ ଏବଂ ସମ୍ବିଧାନ ଅନୁସାରେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ ନିମନ୍ତେ ରହିଥିବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ନେଇ ସୁନିଶ୍ଚିତ କରାଯିବ। ଡିପ୍‌ଫେକ୍ ଭିଡିଓଗୁଡ଼ିକର ବିଷୟବସ୍ତୁଗୁଡ଼ିକର ପ୍ରାମାଣିକତା ସମ୍ପର୍କରେ ଯାଞ୍ଚ କରାଯିବା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ ଉପସ୍ଥାପନ କରିଥାଏ। ଏଭଳି ଭିଡିଓ ଗୁଡ଼ିକୁ ସୋସିଆଲ ମିଡିଆରେ ପ୍ରସାରିତ ହେବାକୁ ଆଗକୁ ଯିବା ପାଇଁ ଫରୱାର୍ଡ କରାଯିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବରେ ବିଚାର କରାଯିବା ଏକାନ୍ତ ଆବଶ୍ୟକ। ସମ୍ପ୍ରତି ଅମିତ୍ ଶାହଙ୍କ ସମ୍ପର୍କିତ ନକଲି ଭିଡିଓକୁ ଫରୱାର୍ଡ କରିଥିବା ନେଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ସଂଖ୍ୟକ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନୋଟିସ୍ ଜାରି କରାଯିବା ସୋସିଆଲ ମିଡିଆରେ ଫରୱାର୍ଡ କରାଯାଉଥିବା ବିଷୟବସ୍ତୁଗୁଡ଼ିକରେ ରହିଥିବା ବିପଦକୁ ସାମ୍ନାକୁ ଆଣିଛି, ଯାହା ଅତ୍ୟଧିକ ମାତ୍ରାରେ ସମ୍ବେଦନଶୀଳ ହୋଇପାରେ, ବିଶେଷକରି ନିର୍ବାଚନ ସମୟରେ। ଅମିତ୍ ଶାହଙ୍କ ସମ୍ପର୍କିତ ନକଲି ଭିଡିଓର ସାରମର୍ମ ହେଉଛି, ନିର୍ବାଚନୀ ଫାଇଦା ପାଇଁ ଲୋକମାନଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ଉପରେ ଜାଣିଶୁଣି ବଦମାସୀ କରାଯାଇଛି, ଯାହା ବିଷୟରେ ଆରଏସ୍‌ଏସ୍ ଏବଂ ଶାସକ ଦଳ ବିରୋଧୀମାନଙ୍କ ଅଭିଯୋଗକୁ ଯେ- ସେମାନେ ସମ୍ପୂର୍ଣ୍ଣ ଭାବରେ ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇ ଦେବାକୁ ଚାହୁଁଛନ୍ତି– ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ସାରିଛନ୍ତି । ସୋସିଆଲ ମିଡିଆ ମଞ୍ଚ ତଥା ହେରଫେର କରିବାର ପ୍ରଯୁକ୍ତିକୁ ଅନୁକୂଳ ଜନମତ ହାସଲ କରିବା ଉଦ୍ଦେଶ୍ୟରେ ନିହାତି କମ୍‌ରେ ଦୁଇ ଥର ଅର୍ଥାତ୍ ୨୦୧୬ ଏବଂ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ କାଳରେ ବ୍ୟବହାର କରାଯାଇ ସାରିଛି । ଅନ୍ୟାନ୍ୟ ଦେଶର ନିର୍ବାଚନରେ ମଧ୍ୟ ଏହା ହୋଇଛି। ଭାରତରେ ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଅବାଧ ଏବଂ ନିରପେକ୍ଷ ନିର୍ବାଚନକୁ ପ୍ରଭାବିତ କରିବାର ଉଦ୍ୟମ ଭାବରେ ଅମିତ୍ ଶାହଙ୍କ ଭିଡିଓ ହେଉଛି ସର୍ବପ୍ରଥମ । ସମୟ ହେଉ ବା ରାଜନୀତି- ଯେତେ ବିଭାଜିତ ହେଲେ ସୁଦ୍ଧା ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ଉପରେ ବିତର୍କ ଏତେ ବିବାଦାମୂଳକ ହେବାକୁ ଛାଡ଼ିଦିଆଯାଇ ପାରିବ ନାହିଁ । ଏହି ପ୍ରସଙ୍ଗ ଦଶନ୍ଧି ଦଶନ୍ଧି ଧରି ଭାରତରେ ରହି ଆସିଛି ଏବଂ ନିର୍ବାଚନରେ ଯେ କୌଣସି ଦଳ ବିଜୟୀ ହେଉ ନା କାହିଁକି, ଏହି ପ୍ରସଙ୍ଗ ରହିବ ହିଁ ରହିବ। ସମୟ ଉପଗତ ହୋଇଛି, ଆମର ନେତାମାନେ କୋଟା ଭୋଟ୍ ବ୍ୟାଙ୍କ୍ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଏବଂ ଅର୍ଥପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଆଡ଼କୁ ନଜର ଦେବା ଉଚିତ।

## ଗୋଡଟଣା



ଇଂ ସତ୍ୟନାରାୟଣ

ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ବିଭିନ୍ନ କ୍ଷେତ୍ରରେ ତୀବ୍ରଗତିରେ ବଢିଚାଲିଛି। ଆପଣ ଯେଉଁ କ୍ଷେତ୍ରକୁ ଯିବେ ସବୁ କ୍ଷେତ୍ରରେ କିଛିନା କିଛି ନୂଆ ଉପଲବ୍ଧି ଦେଖିବାକୁ ମିଳୁଛି ଏବଂ ପରିବର୍ତ୍ତନ ମଧ୍ୟ ହୋଇଛି। ଏହା ମଧ୍ୟରେ ଅନେକ ଦୁଃଶକ୍ତିର ମଧ୍ୟ ପ୍ରଘଟ ହୋଇଛି। ମାନବ ସମାଜ ଯେତେ ପ୍ରଗତିଶୀଳ ହୋଇଚାଲିଛି ସେତେ ତଳକୁ ଖସିବାର ମଧ୍ୟ ନିଜ ଭିତରେ ଉପଲବ୍ଧିକୁ ଜାହିର କରିଚାଲିଛି। ତେବେ ଲକ୍ଷ୍ୟ କରିବା ଆମର ସାମାଜିକ ବ୍ୟବସ୍ଥା କଥା। ଆଜିର ପରିସ୍ଥିତିରେ ଯେଉଁ କ୍ଷେତ୍ରକୁ ବି ଯିବା ଗୋଡଟଣା ଅବଶ୍ୟ ରହିଛି।ମାନେ ଜଣେ ଉପରକୁ ଉଠିବାକୁ ଚାହିଁଲେ ପଛପଟୁ ଟାଣିବା। ଏହା ବଳପୂର୍ବକ ହୋଇପାରେ କିମ୍ବା ମାନସିକ ଭାବରେ ହୋଇପାରେ। ଏହା ନକରାତ୍ମକ ଦୃଷ୍ଟିରୁ ବି ହୋଇପାରେ ଅଥବା ସକରାତ୍ମକ ଚିନ୍ତନରୁ କେବେ ବି ନୁହଁ।କେମିତି ନକରାତ୍ମକ ଜାଣିବା, କାଳେ ଉପରକୁ ଉଠିଗଲେ ମୋର ମର୍ଯ୍ୟାଦା, ଖ୍ୟାତି ଏବଂ ସମ୍ମାନରେ ହାନି ଘଟିବ। ତା ପୂର୍ବରୁ ତାକୁ ଆମେ ଗୋଡରଟାଣି ଦେଉଛେ। ଯାହାଫଳରେ ଖସିପଡୁଛି। କିଏ ଜଣେ ଗଳ୍ପରେ କହୁଥିଲେ କଙ୍କଡା ଏବଂ ଅନ୍ୟ ସରୀସୃପମାନଙ୍କର କଥା।ଗୋଟେ ପ୍ରଦର୍ଶନୀରେ ନେଇ କି ଯେତେବେଳେ ପାଛିଆରେ ରଖି ଦିଆଗଲା ଏବଂ ଅନ୍ୟ ସରୀସୃପମାନଙ୍କ ଲାଗି ଢାଙ୍କୁଣୀ ଆବଶ୍ୟକ ପଡିଲା କିନ୍ତୁ କଙ୍କଡାମାନଙ୍କ ଲାଗି ଢାଙ୍କୁଣୀର ଆବଶ୍ୟକ ପଡିଲା ନାହିଁ। କାରଣ କଙ୍କଡାମାନଙ୍କ ମଧ୍ୟରେ ଯିଏ ପାଛିଆର ଉପରଭାଗକୁ ଚଢିବାକୁ ଚାହିଁଲା ତାକୁ ଗୋଡରେ ତଳପଟୁ ଆଉ ଗୋଟେ କଙ୍କଡା ଟାଣିଲା। ସେମିତି ତଳପଟୁ ତାପରେ ପରେ ଲାଗିଲେ।

ଏମିତି କି ଦେଶ, ରାଜ୍ୟ, ଜିଲ୍ଲା କଥା ଛାଡନ୍ତୁ ନିଜର ପରିବାରରେ ମଧ୍ୟ ଗୋଡ ଟଣାଟଣି ହେଉଛି। ମହାଭାରତରେ ମଧ୍ୟ ତାହା ଦେଖିବାକୁ ମିଳିଥିଲା କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ।ଏହା ଏକ ସାମାଜିକ ଅସଭ୍ୟତାର ପରିଚୟ ଭଳି ମନେ ହୁଏ। ଏହାର ଅନେକ ଜୀବିତ ଉଦାହରଣ ରହିଛି ବଖାଣିଲେ ସରିବ ନାହିଁ। ଏମିତି କି କଳ୍ପନା ବାହାରେ।

ଗୋଡଟଣା ଯୋଗୁଁ ମଧ୍ୟ ଅନେକ କ୍ଷେତ୍ରରେ ବିକାଶରେ ବାଧାସୃଷ୍ଟି କରୁଛି ଏବଂ ସମସ୍ୟା ଜନ୍ମ ହେବାର କାରଣ ସାଜୁଛି। ବିଶେଷ କରି ବିଭିନ୍ନ ସ୍ଥାନରେ ଉଭୟ ସରକାରୀ ଓ ବେସରକାରୀ ଦପ୍ତର ଗୁଡିକରେ ଏହା ସ୍ୱାଭାବିକ ଭାବରେ ପରିଲକ୍ଷିତ ହୋଇଛି।ନିଜର ସମ୍ମାନକୁ ବଢାଇବା ଦୃଷ୍ଟିରେ ଯାଇ ଅନ୍ୟ ଜଣକର ଗୋଡ ଟାଣିବା ଯେ କେତେ ବଡ ହାନି ବୁମେରାଂ ଗୋଡଟଣା ଲୋକଟି ସେହି ସମୟରେ ଅନୁଭବ କରିପାରେ ନାହିଁ।

ରାଜା ଅମଳରେ ମନ୍ତ୍ରୀମାନଙ୍କ ମଧ୍ୟରେ, ବ୍ୟବସାୟରେ ବ୍ୟବସାୟୀମାନଙ୍କ ମଧ୍ୟରେ, ରାଜନୈତିକ ଦଳରେ ପଦବୀ ଲାଗି ନେତାମାନଙ୍କ ମଧ୍ୟରେ, ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ମଧ୍ୟରେ,ସରକାରୀ ଅଫିସ୍‌ରେ ସରକାରୀ ବାବୁଙ୍କ ମଧ୍ୟରେ, ଗାଁ ପରିବାରରେ ଭାଇମାନଙ୍କ ମଧ୍ୟରେ ଗୋଡଟଣା ଭଳି ଅପ୍ରାକୃତିକ ନୀତିପ୍ରୟୋଗ ଚାଲିଆସିଅଛି।

ବାସ୍ତବରେ ମନେ ହୁଏ ଗୋଡଟଣା ପ୍ରକୃତିଟି ଈର୍ଷାରୁ ଜାତ ହୁଏ।

ଯାହାର କିଛି ବି କାମ ନଥାଏଏବଂ ପୁଳାପୁଳା ସମୟ ଧରି ଅଶୁଭ ଚିନ୍ତାରେ ବୁଡି ରହିଥାଏ, ସିଏ ଏଇ ସବୁରେ ମାଷ୍ଟର ବା ମାହିର। ଯେମିତି ପଶୁପକ୍ଷୀଙ୍କ କ୍ଷେତ୍ରରେ କୌଣସି ଖାଦ୍ୟଗ୍ରହଣ ସମୟରେ ନିଜ ନିଜ ଭିତରେ ଲଢେଇ ଲାଗିବା।

ଗୋଡଟଣାର ଶିକାର ହୋଇ ଅନେକ ସମୟ ଧରି ଜଣେ ଜଣେ ନିରାଶ ବା ହତାସରେ ନିଜର ଜୀବନ ମଧ୍ୟ ହାରିଦେଉଛନ୍ତି। ଏଇ କାରଣରୁ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟ ବହୁ ଅନୁଭବୀ ନେତା ଆଗକୁ ଆସି ପାରୁନାହାନ୍ତି। କେବଳ ଯେ ବ୍ୟକ୍ତି ମଧ୍ୟରେ ଗୋଡଟଣା ଚାଲିଛି ତାହା ନୁହେଁ, ସମାଜର ହିତକାର୍ଯ୍ୟ ମଧ୍ୟ କିଛି ଲୋକ ବିରୋଧ କରିବା ମଧ୍ୟ ଗୋଡଟଣା ନୀତି। ସ୍ୱାଧୀନତା ସଂଗ୍ରାମ ବେଳେ ମଧ୍ୟ ବୀର୍ସା ମୁଣ୍ଡାଙ୍କର ଭଳି ଅନେକ ବୀର ସଂଗ୍ରାମୀମାନଙ୍କୁ ଇଂରେଜ୍ ହାତରେ ଧରାଇ ଦେଇଥିଲେ ସେଇ କୁଚକ୍ରୀ ଗୋଡଟଣାମାନେ। ପରୋକ୍ଷ ଭାବରେ ଭାରତକୁ ଅସୁବିଧାରେ ପକାଇବା ଲାଗି ଗୋଡଟାଣୁଛି ବିସ୍ତାରବାଦୀ ଚୀନ।

ସବୁବେଳେ ଆର୍ଥିକ ଦୁର୍ବଳ ଦେଶମାନଙ୍କୁ ଆର୍ଥିକ ସହଯୋଗ କରି ଭାରତର ମିତ୍ରଦେଶମାନଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିବାକୁ ଲାଗିଛି।ଅନେକ ସମୟରେ ନିଜର କାୟା ବିସ୍ତାର କରିବା ଲାଗି ଚୀନ ଏସବୁ କରୁଛି।

ତେଣୁ ସକରାତ୍ମକ ମନୋଭାବ ରଖି ମଣିଷ ନିଜର ଦକ୍ଷତା ପ୍ରତି ପାଦନ କଲେ ହିଁ ଆମ ସମସ୍ତଙ୍କର ପ୍ରଗତି ହେବ।

ଏକତାଳୀ, ଯଶିପୁର,
ମୟୂରଭଂଜ
ମୋ-୯୪୩୮୫୩୭୦୧୩

## ଜୀବନ ଏକ ଭଡ଼ାଘର



ଶ୍ୟାମସୁନ୍ଦର ସାମଲ

ନିତିଦିନିଆ ଜୀବନରେ ସମସ୍ତେ ନିଜ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଘର କଣ୍ଡେ କରିବାପାଇଁ ସକ୍ଷମ ହୋଇନଥାନ୍ତି। ଆମ ସମୟରେ ଅନେକ ଲୋକ ଥାଆନ୍ତି ଯେଉଁମାନେ ଭଡ଼ାଘରେ ସେମାନଙ୍କର ତମାମ ଜୀବନ ଏକପ୍ରକାର କଟିଯାଇଥାଏ। ସାମାଜିକ କ୍ଷେତ୍ରରେ ଭାଇଚାରାକୁ ନେଇ ଅନ୍ୟମାନେ ବୁଝୁଥିବା କିନ୍ତୁ ସେହି ଭଡ଼ାଟିଆମାନେ ଆପଣାର ହୁଅନ୍ତି ଆଉ ପରବର୍ତ୍ତୀ ସମୟରେ ସମ୍ପର୍କ ବହୁତ ମଜବୁତ୍ ହୋଇଥାଏ। ହଜାର ବର୍ଷର ସହର କଟକ, ଏଠାରେ ବିଭିନ୍ନ ବୃତ୍ତି ଓ ଜୀବନକୁ ନେଇ ଲୋକମାନେ ବାସ କରିଥାନ୍ତି। ତେବେ ଅନେକ ସମୟରେ ଘରଭଡ଼ା ଦେଇଥିବା ଲୋକମାନେ ସମ୍ପୃକ୍ତ ଗୃହ ମାଲିକଙ୍କର ଏପରି ମୁଣ୍ଡବିନ୍ଧାର କାରଣ ହୋଇଥାନ୍ତି ଯେ ପରବର୍ତ୍ତୀ ସମୟରେ ଏହା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ନିଜର ମୂଲ୍ୟବାନ ଶାନ୍ତିପ୍ରଦ ସମୟଟି ବିଷାକ୍ତ ଓ ଅଶାନ୍ତିମୟ ହୋଇଯାଏ। କଟକ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ଚଣ୍ଡୀ ମନ୍ଦିର ମାର୍ଗରେ ଥିବା ଗାୟତ୍ରୀ ବିହାରରେ ଜଣେ ଆୟକର ବିଭାଗର ପ୍ରତିଷ୍ଠିତ ଓ ସ୍ୱନାମଧନ୍ୟ ଓକିଲ ଭାବେ ମାନଗୋବିନ୍ଦ ପ୍ରଧାନ ରୁହନ୍ତି। ମାନଗୋବିନ୍ଦ ବାବୁ ଜଣେ ସାଇ ଆଶ୍ରିତ ଓ ସ୍ଥାନୀୟ ଅଞ୍ଚଳରେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ହୃଦୟବାନ ମଣିଷ ଭାବେ ବେଶ୍ ଜଣାଶୁଣା। ଏହି ଘଟଣାଟି ଆରମ୍ଭ ହେଉଛି ଏଥିପାଇଁ ମୁଁ ଜନୈକ ସାନଭାଇଟିର ଘରେ ଥିବା ସମୟରେ ବନ୍ଧୁ ମାନଗୋବିନ୍ଦ ପ୍ରଧାନ ଫୋନ୍ ଦ୍ୱାରା ଜଣାଇଲେ ଯେ ତାଙ୍କ ପଡ଼ୋଶୀ ଘରେ ଜନୈକ ଭଡ଼ାଟିଆ ଘର ଛାଡ଼ିବା କଥାକୁ ନେଇ ବାକ୍‌ବିତଣ୍ଡା କରି ସ୍ଥାନୀୟ କଲୋନୀରେ ଅଭାବନୀୟ ଓ ଭୟଙ୍କର କାଣ୍ଡ କରିଛନ୍ତି। କାଚ ଭଙ୍ଗାରୁଜା ସହ ଗୁଣ୍ଡାଗର୍ଦ୍ଦି ଓ ବାହୁବଳ ଦେଖାଇ ମାରପିଟ କରିବା ସହ ବୋମାମାଡ଼ କରି ଧନଜୀବନ ନଷ୍ଟର ଧମକ ଦେବା ପରେ ପରବର୍ତ୍ତୀ ସମୟରେ ପୋଲିସ ପହଞ୍ଚିଥିଲେ। କଥା ହେଉଛି ସମ୍ପୃକ୍ତ ଘର ମାଲିକ ଭଡ଼ାଟିଆ ଜଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଘର ଛାଡ଼ିବା ପାଇଁ କହିଥିଲେ କିନ୍ତୁ ସମ୍ପୃକ୍ତ ଭଡ଼ାଟିଆ ଜଣକ ଘର ନ ଛାଡ଼ି ନିଜ ଗୁଣ୍ଡାବନ୍ଧୁମାନଙ୍କୁ ଡକାଇ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ ଦେଖାଇଥିଲେ। ନିର୍ବାଚନ ସମୟ, ସହଜେ ତ ଚାରିଆଡ଼େ ବ୍ୟସ୍ତ ଓ ନିର୍ବାଚନକୁ ନେଇ ହୋ-ହାଲ୍ଲା। ତେବେ ପ୍ରଶ୍ନ ଉଠୁଛି ଦୋଷ କାହାର ?

ଆମ ଭାରତୀୟ ସାମାଜିକ ଓ ସାମ୍ବିଧାନିକ ବ୍ୟବସ୍ଥାରେ ଘରଭଡ଼ା କିପରି ଦିଆଯିବ ? କାହାକୁ ଦିଆଯିବ ? ଏହାର ମାନଦଣ୍ଡ କ'ଣ ? ଏ ନେଇ ଆଇନକାନୁନର କାଗଜପତ୍ରରେ ତ ବହୁତ କିଛି ଲେଖାଅଛି। କିନ୍ତୁ କାଗଜକଲମର ବାଦ ଆମେ ଜଣେ ଜଣେ ମଣିଷ ହୋଇଥିବାରୁ ସାମାଜିକ ସମ୍ପର୍କ ଓ ଅତୁଟ ଭାଇଚାରାର ନିଦର୍ଶନରେ ଜଣେ ଅନ୍ୟ ଜଣଙ୍କୁ ଘର ଭଡ଼ା ତ ନୁହଁ ଏକ ବନ୍ଧନରେ ସାମାଜିକ ଡୋରିରେ ବାନ୍ଧି ହେବାପାଇଁ ନୂଆ ସମ୍ପର୍କ ଗୁନ୍ଥି ଥାଏ। ଏହି ଲେଖକ ତା' ଜୀବନରେ ବର୍ଷ ବର୍ଷ ଧରି ଏକ ବୃହତ୍ ଯୌଥ ପରିବାରକୁ ନେଇ ଭଡ଼ାଘରେ ତା' ଜୀବନ ବିତାଇଛି। ହଜାର ବର୍ଷର ସହର ଆଉ ଭାଇଚାରାର ସହର ଏ କଟକ। ସବୁଠୁ ଆନନ୍ଦର କଥା ମୋ ଜୀବନ କାଳ ଭିତରେ ଯେତିକ ଘର ଭଡ଼ାସୂତ୍ରରେ ମୁଁ କିଛିବର୍ଷ ପାଇଁ ରହିଛି, ସେମାନଙ୍କ ସହିତ ସମ୍ପର୍କ ଏପରି ଅତୁଟ ଓ ନିବିଡ଼ ଯେ ଏଯାବତ୍ ତାହା ବଜାୟ ରହିଛି। ସେମାନଙ୍କର ହେଉ ବା ଆତ୍ମମାନଙ୍କର, ବିବାହଠାରୁ ଭୋଜିଭାତ, ବନ୍ଧୁ ସମାବେଶଠାରୁ ମୃତକ ବା ଯେକୌଣସି ଘଟଣ ବା ଅଘଟଣ ସବୁ ସମୟରେ ଦ୍ୱାରମୁହଁରେ ସେ ବନ୍ଧୁମାନେ ପହଞ୍ଚନ୍ତି। ଯଥାର୍ଥରେ ଚାଣକ୍ୟ ଲେଖିଥିଲେ – "ରାଜଦ୍ୱାରେ ଶ୍ମଶାନେ ଚ, ଯ ତିଷ୍ଠିତି ସ ବାନ୍ଧବ"। ତେଲଲୁଣର ଧାଁଧଉଡ଼ ସଂସାର ଭିତରେ ସମସ୍ତେ ଆମେ ନିଜ ନିଜ ଜୀବନ ଆଉ ଜୀବିକାକୁ ନେଇ ବ୍ୟସ୍ତ ରହିଥାଉ। ଜୀବନର ସୁଖ ହେଉ ବା ଦୁଃଖ ଏହାକୁ ବନ୍ଧୁମାନଙ୍କ ସହ ବାଣ୍ଟିବାରେ ଆନନ୍ଦ କିନ୍ତୁ ସ୍ୱତନ୍ତ୍ର ଓ ଅଲଗା। କିନ୍ତୁ କଥା ଉଠୁଛି, ଏପରି କିଛି କ୍ୱଚିତ ବିଚିତ୍ର ଚରିତ୍ର ଓ ମାନସିକତାର ଥାଆନ୍ତି ଯେଉଁମାନେ ସମ୍ପର୍କ ବଢ଼ାଇବାଠାରୁ ଛିଣ୍ଡାଇବାକୁ ଗୁରୁତ୍ୱ ଦେଇଥାନ୍ତି। ଏପରି ଅନେକ ଉଦାହରଣ ରହିଛି ଯେଉଁଠି ୩୦/୪୦ ବର୍ଷ ଧରି ଜଣେ ଜଣେ ଭଡ଼ାଟିଆ ବି ରହିଛନ୍ତି। କେହି କେହି ବି ଆଇନର ଜଟିଳ ପ୍ରସଙ୍ଗକୁ ନେଇ ଟିକିଏ ପଛଘୁଞ୍ଚା ଦିଅନ୍ତି। କାରଣ ଭାରତୀୟ ସମାଜ ଆଇନରେ ଏପରି ଏକ ଦୁର୍ବଳ ଧାରା ରହିଛି, ଯେଉଁଠି ନିର୍ଦ୍ଦିଷ୍ଟ ଅବଧିର ସମୟ ପରେ ଜଣେ ଭଡ଼ାଟିଆ ଭଡ଼ାସୂତ୍ରରେ ନେଇଥିବା ଘରଟିକୁ ନିଜକୁ ଦାବିଦାର ଉପସ୍ଥାପିତ କରିପାରିବ। କିଛି ବର୍ଷ ତଳେ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଭଡ଼ାଟିଆମାନଙ୍କର ଟିକିନିଖି ସବିଶେଷ ପରିଚୟ ପତ୍ର ଓ ବିଧିବଦ୍ଧ ଆଇନ ଅନୁମୋଦିତ ଏଗ୍ରିମେଣ୍ଟ ରଖାଯିବାର ବ୍ୟବସ୍ଥା ଆରମ୍ଭ ହୋଇଛି ଏବଂ ଏହା ସ୍ଥାନୀୟ ପୋଲିସକୁ ତତ୍କାଳ ସୂଚିତ କରିବାର ଧାରା ମଧ୍ୟ ରହିଛି। କେତେକ ଲୋକ ଆୟକରରୁ ବର୍ତ୍ତିବା ପାଇଁ ବା ନିଜ ତଥାକଥିତ ସାମାଜିକ ପ୍ରତିପତ୍ତି କମିଯିବା ଭୟରେ ଏହାକୁ ଲୁଚାଇ ଥାଆନ୍ତି। କିନ୍ତୁ ଭାଇଚାରାର ସହର କଟକରେ ଭଡ଼ାଟିଆ ଭାବନା ଆଦୌ ବଡ଼ ହୋଇନଥାଏ। ଏ କ୍ଷେତ୍ରରେ ସମ୍ପର୍କ ହିଁ ଅଧିକ ଗୁରୁତ୍ୱ ବିବେଚିତ ହୋଇଥାଏ। ମୋ କଥାଟି ଲେଖୁଛି – ଆଜକୁ ଚାଳିଶବର୍ଷ ତଳେ ଯେଉଁ ଭଡ଼ାଘରେ ମୁଁ ରହିଥିଲି ଏବେବି ସେ ପରିବାର ସହିତ ମୋ ସମ୍ପର୍କ ନିଜ ଘର ପରିବାର ପରି। ସମ୍ପର୍କ ଏକ ସାମାଜିକ ମାନସିକତା। ଘରଭଡ଼ା ଦେବା ଓ ନେବା ଏହାକୁ ନେଇ ଅନେକ ରୋଚକ ଓ ବିଚିତ୍ର ଖବର ଗଣମାଧ୍ୟମରେ ପ୍ରକାଶ ପାଏ। ଏଠି ବି ଏପରି ବିରଳ ଉଦାହରଣ ସୂତାହାଟରେ କିଛିବର୍ଷ ତଳେ ସୃଷ୍ଟି ହୋଇଥିଲା। ଜନୈକ ଧନାଢ଼୍ୟ ଘରମାଲିକିଆଣି ତାଙ୍କୁ ସେବା ଦେଇ ବର୍ଷ ବର୍ଷ ଧରି ତାଙ୍କ ପାଖରେ ମୁଣ୍ଡ ଗୁଞ୍ଜୁଥିବା ଜଣେ ଅଭାବୀ ରିକ୍ସାବାଲା ନାମରେ ତାଙ୍କ ଘର ଓ ଜାଗା ଦାନସୂତ୍ରରେ ଉତ୍ସର୍ଗ କରିଦେଇଥିଲେ। କେତେ ବଡ଼ ହୃଦୟଟି ସେ ମହିଳାଙ୍କର ? ଘରଭଡ଼ା ପ୍ରସଙ୍ଗ ନେଇ ଆଲୋଚନା କଲାବେଳେ ମନେପଡ଼େ ଆମ ସମାଜର ସର୍ବୋପରି ମୋ ସମୟର ଅନେକ ନାମିଦାମୀ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ତାଙ୍କ ଜୀବନକାଳ ଭିତରେ ଖଣ୍ଡିଏ ଜାଗା କିମ୍ବା ବାସଗୃହ ନିର୍ମାଣ କରିବାରେ ସକ୍ଷମ ହୋଇନଥାନ୍ତି। କହିବାକୁ ଗଲେ ସେମାନଙ୍କ ଜୀବନର ଶେଷଯାତ୍ରା ସେ ଭଡ଼ାଘରୁ ହିଁ ହୋଇଛି। ଭଡ଼ାଘରେ ଥିଲେ ବି ଠିକ୍ ନିଜ ପରିବାର ସହ ବା ଆତ୍ମୀୟମାନଙ୍କ ସହ ରହୁଥିଲା ପରି ସମ୍ପୃକ୍ତ ଭଡ଼ାଟିଆ ପରିବାରର ପିଲାମାନଙ୍କର ବିବାହ ବା ବ୍ରତ ହେଉ ମାଲିମକଦ୍ଦମାର ଦୁଃଖ ହେଉ ବା ଡାକ୍ତରଖାନାର କଷ୍ଟ ସବୁଠି ବଡ଼ ବନ୍ଧୁ ବା ବନ୍ଧୁ ମୁରବୀ ପରି ଗୃହକର୍ତ୍ତାଙ୍କୁ ଆଦର କରାଯାଏ। ତାଙ୍କୁ ସମ୍ମାନ ଦିଆଯାଏ। ତଥାପି କାହିଁକି ଏହି ଘରଭଡ଼ାକୁ ନେଇ ଜୀବନ ଆଉ ସମୟ ଅଶାନ୍ତିମୟ ହୋଇଯାଏ ତାହା କେହି ବିଚାର କରୁନଥାନ୍ତି। ଏହି ଲେଖନୀଟିକୁ ଶେଷ କରୁଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଏକ ଦିବ୍ୟ ସମ୍ଭାଷଣର ଲେଖନୀକୁ ନେଇ – 'ଜୀବନ ଏକ ଭଡ଼ାଘର ଆଉ ଭଗବାନ ହେଉଛନ୍ତି ସେ ଭଡ଼ାଘରର ମାଲିକ'। ଯେତିକି ଦିନ ପାଇଁ ଆତ୍ମମାନଙ୍କୁ ତାଙ୍କ ଭଡ଼ାଘରେ ରହିବାପାଇଁ ଅର୍ଥାତ୍ ଏ ଦୁନିଆରେ ମୁଣ୍ଡ ଗୁଞ୍ଜିବାପାଇଁ ସୁଯୋଗ ଓ ସାମର୍ଥ୍ୟ ଦେଇଥାନ୍ତି ସେତିକି ହିଁ ଯଥେଷ୍ଟ ଓ ତାହାହିଁ ଭଗବାନଙ୍କ କୃପା। ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ଆମ ସମସ୍ତଙ୍କୁ ପ୍ରେରଣା ଓ ନୂଆ ଜୀବନର ବାର୍ତ୍ତା ଦେଉ।

## ଶୋଭାରାଣୀ ମହାପାତ୍ର ଓରଫ ଛବି ଦିଦି ଉଦଳା ରାଜୀତିକୁ ଶାଣିତ କରିବାରେ ନେଇଥିଲେ ମୁଖ୍ୟ ଭୂମିକା



ସୁବ୍ରତ କୁମାର ମହାନ୍ତି

'ଛବି ଦିଦି', ବାସ ଏତିକି ନାମ ହିଁ ଯଥେଷ୍ଟ । ଉଦଳା ସହରର ପ୍ରତିଟି କୋଣରେ ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବେଶ ଭଲଭାବରେ ଜାଣନ୍ତି ତାଙ୍କୁ । ତାଙ୍କର କଥା ବାର୍ତ୍ତା, ଚାଲି ଚଳଣ, ସବୁକିଛିରୁ ଜଣେ ରାଜନେତାର ଠାଣି ବେଶ ସ୍ପଷ୍ଟ ବାରିହୋଇ ପଡ଼େ। ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସମନା କରିବାର ଦମ୍ଭ ପିଲାଟି ଦିନରୁ ଫୁଟି ଉଠିଛି ତାଙ୍କ ଠାରେ। ଏହି ସବୁ ଗୁଣ ପାଇଁ ବଡ଼ ହେଲେ ସେ ଜଣେ ଭଲ ରାଜନେତା ହେବେ ଏହା ପିଲାଟି ଦିନରୁ ବାରି ହୋଇ ପଡୁଥିଲା। ଆଜକୁ ୬୦ ବର୍ଷ ପୂର୍ବେ ଶୋଭାରାଣୀ (ଛବି ଦିଦି) ବିଦ୍ୟାଳୟରେ ପାଠ ପଢୁଥିବା ସମୟର କଥା। ସେତେବେଳେ କୌଣସି ଝିଅ ପିଲା ସାଇକେଲ ଚଳାଇ ବିଦ୍ୟାଳୟକୁ ଯାଉ ନଥିଲେ । ଏପରିକି ବିଦ୍ୟାଳୟରେ ଖେଳରେ ଯଥା – କବାଡ଼ି, ଦଉଡ଼, ଉଚ୍ଚ ଡ଼ିଆଁ, ଲମ୍ଵ ଡ଼ିଆଁ ଇତ୍ୟାଦିରେ ଝିଅ ପିଲା ମାନେ ଅଂଶ ଗ୍ରହଣ କରୁନଥିଲେ। ଏତିକି ବେଳେ ଛବି ଦିଦି ହିଁ ପ୍ରଥମ ଝିଅ ଯିଏକି ସାଇକେଲ ଚଳାଇ ବିଦ୍ୟାଳୟକୁ ଯାଇଥିଲେ । ଏଥିପାଇଁ ତାଙ୍କୁ ବିଭିନ୍ନ ପ୍ରକାର କୁତ୍ସାରଟନା ଶୁଣିବାକୁ ପଡ଼ିଥିଲା । କିନ୍ତୁ କାହାରିକୁ ସେ ଖାତିର କରିନଥିଲେ । ପରେ ପରେ ସେ ନିଜେ ଖେଳରେ ଅଂଶ ଗ୍ରହଣ କରିବା ସହ ସାଙ୍ଗ ପିଲା ମାନଙ୍କୁ ଏଥିରେ ଭାଗ ନେବା ପାଇଁ ଉତ୍ସାହିତ କରିଥିଲେ। ଏହିଭଳି ଛବି ଦିଦିଙ୍କ ପିଲା ଦିନର କାର୍ଯ୍ୟକଳାପରୁ ଫୁଟି ଉଠିଥିଲା ସମାଜସେବାର ବାସ୍ନା । ପରେ ସେ ଶିକ୍ଷୟିତ୍ରୀ ଭାବରେ ଚାକିରି ଜୀବନ ଆରମ୍ଭ କଲେ ଏବଂ ଖୁବ୍ ଅଳ୍ପ ଦିନ ମଧ୍ୟରେ ପଦୋନ୍ନତି ପାଇ ବିଦ୍ୟାଳୟ ପରିଦର୍ଶିକା (ଏସ୍.ଆଇ.) ହୋଇଥିଲେ । ସେ ଚାକିରି ଜୀବନ ଆରମ୍ଭ କରିବା ପୂର୍ବରୁ ମଧ୍ୟ ବହୁ ମହିଳା ସରକାରି ଚାକିରି କରିଥିଲେ । କିନ୍ତୁ କୌଣସି ମହିଳା ମଟରସାଇକେଲ ଚଳାଇ କାର୍ଯ୍ୟାଳୟକୁ ଆସୁନଥିଲେ। ଛବି ଦିଦି ହିଁ ପ୍ରଥମ ମହିଳା ଯିଏକି ମଟରସାଇକେଲ ଚଳାଇ କାର୍ଯ୍ୟାଳୟକୁ ଆସିଥିଲେ । ପରେ ଉତ୍ସାହିତ ହୋଇ ଅନ୍ୟ ମହିଳା ମାନେ ମଟରସାଇକେଲ ଚଳାଇବା ଆରମ୍ଭ କରିଥିଲେ । ଖାଲି ସେତିକି ନୁହେଁ ସାରସ୍ୱତ ସାଧନାରେ ମଧ୍ୟ ସେ ପଛରେ ନଥିଲେ। ସାହିତ୍ୟକୁ ଭଲ ପାଇବା ସହିତ କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ଲେଖା ଲେଖି କରୁଥିଲେ । ବିଭିନ୍ନ ପତ୍ର ପତ୍ରିକା ମାନଙ୍କରେ ତାଙ୍କର ଲେଖା ସ୍ଥାନ ପାଇଥିବା ବେଳେ ଦୈନିକ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି' ରେ ମଧ୍ୟ ତାଙ୍କର କିଛି କବିତା ସ୍ଥାନ ପାଇଛି । ଉଦଳାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା 'ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ' କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଚାକିରି ଜୀବନରୁ ଅବସର ନେବା ପରେ ସେ ଆରମ୍ଭ କରିଥିଲେ ରାଜନୀତି ଜୀବନ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଜଣେ କାଉନସିଲର ଭାବରେ ସେ ବାରମ୍ବାର ନିର୍ବାଚିତ ହେବା ସହିତ ଗତ ୨୦୦୩ ଠାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଉପନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେହିପରି ୨୦୦୭ ରୁ ୨୦୧୧ ମସିହା ପର୍ଯ୍ୟନ୍ତ ଉଦଳା ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ଏହିପରି ରାଜନୀତି ଜୀବନରେ ସେ ବିଭିନ୍ନ ପଦ ପଦବିରେ ଥାଇ ଦକ୍ଷତାର ସହିତ କର୍ତବ୍ୟ ସମ୍ପାଦନ କରିଥିଲେ । ମୋଟା ମୋଟି ଭାବରେ ସମଗ୍ର କପ୍ତିପଦା ଉପଖଣ୍ଡରେ ଏକ ବିପ୍ଳବାତ୍ମକ ପରିବର୍ତନ ଆଣିବା ଓ ମହିଳା ମାନଙ୍କୁ ସାହସି କରିବା ସହିତ ଆଗକୁ ଆଣିବାରେ ଛବିଦିଦିଙ୍କ ଅବଦାନକୁ କେବେ ଭୁଲି ହେବ ନାହିଁ । ତେଣୁ ଆଜିବି ଛବି ଦିଦିଙ୍କ ପ୍ରଶଂସା ବିଭିନ୍ନ ମହଲରେ ଶୁଣିବାକୁ ମିଳେ । ରାଜନିତି ଗୋଟି ଚାଳନାରେ ସେ ଏତେ ଧୁରନ୍ଧର ଥିଲେ ଯେ କୌଣସି ନିର୍ବାଚନରେ ସେ କେବେ ମଧ୍ୟ ପରାଜୟର ମୁଖ ଦେଖି ନାହାଁନ୍ତି । ଏହିଭଳି ଭାବରେ ଉଦଳା ରାଜନିତିକୁ ଶାଣିତ କରିବାରେ ଛବି ଦିଦିଙ୍କ ଅବଦାନ ବେଶ ପ୍ରଶଂସନୀୟ ।

ମୋ:୯୮୬୧୮୨୪୩୨୨




### ଛାଇ ଆଲୁଅର ଲୁଚକାଳି

ତୃପ୍ତିରାଣୀ ପାତ୍ର

ମୁଁ ଚାଲୁଥିଲି ସେ ଚାଲିଥିଲା ମୋ
ସାଥେ
ମୁଁ ନୀରବେ ଠିଆ ହୋଇଗଲି
ଏକ ବିରାଟ ବଟ ବୃକ୍ଷ ମୂଳେ ଯାଇ
ପଛବୁଲି ତାକୁ ଚାହିଁଲି କେତେ
ସେ ଲୁଚିଗଲା କେଉଁଆଡେ ପାଇଲି
ନାହିଁ ।
ଅନେକ ଖୋଜିଲି ପଛବୁଲି ଚାହିଁ
କିନ୍ତୁ କାହିଁ ଖୋଜି ଖୋଜି ପାଇଲି
ନାହିଁ
ସେଥିପାଇଁ ହସିହସି ମୁଁ କହିଦେଲି
ଆରେ ଖେଳୁଛୁକି ମୋ ସାଥେ
ଲୁଚକାଳି
ବୋଲି ହୋଇଛୁକି ତୋ ଦେହେ କାଳି
ଧାଇଁବି ମୁଁ ଆଲୁଅରେ ପୁଣି
ପାରିବୁନି ତୁ ମୋ ସାଥେ ଚାଲି ଚାଲି
ଅନ୍ଧାରରେ ଆସି ଖେଳ୍ ତ ମୋ ସାଥେ
ଦେଖିବି ତୋ ପାରଙ୍ଗମ ପଣ
କେତେଅଛି
ତଥାପି ଛାଇ ନୀରବେ ରହିଗଲା ଜାଣି
ତାକୁ ମୁଁ ଅସମ୍ମାନ କରିଲି ନାହିଁ ।
ତା'ର ପାରିବାପଣକୁ ଶତ ଧନ୍ୟବାଦ
ଦେଲି
ଆଉ କହିଲି ଚାଲ୍ ଆମେ ଖେଳିବା
ଆଲୁଅରେ ଲୁଚକାଳି ।
ମୁରୁକି ମୁରୁକି ହସି ଦେଇ ଛାଇ
କ'ଣ କହିଦେଲା କେଜାଣି ମୁଁ
ଶୁଣି ପାରିଲି ନାହିଁ
ପାଦକୁ ପାଦ ମିଳାଇ ଚାଲିଲା ସେହି
କହିଲା ବଡ଼ ଚତୁର ତ ତୁହି
ମୋର ଜୀବନ ନାହିଁ ବୋଲି
ମୋତେ ଦେଖାଉଛୁ କେତେ ଫୁଟାଣି।
ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ
ଦୌଡି ଦୌଡି ମୁଁ ଥକି ପଡ଼ିଲିଣି
ସନ୍ଧ୍ୟାର ଆଲୁଅରେ ରହିଗଲୁ ଜାଣିଶୁଣି
ପ୍ରତିଯୋଗିତା କର ମୋ ସହିତ ପୁଣି
ଦିବସ ଯନ୍ତ୍ରଣା ଶରୀର ମନରେ
ଗୁଣିଗୁଣି
ପଥ ଶ୍ରାନ୍ତ ପଥିକଟି ପରି
ନୀରବୀ ଗଲୁ କି ?
ହଁ ମୁଁ ଶୋଇଗଲି ବିଛଣାରେ ସ୍ଥାଣୁ ପରି
ପରିହାସ ଛଳେ କହିଲା ଛାଇ
ମୋ କାନରେ ନଇଁପଡି
ମୁଁ ଶକ୍ତିମାନ ମୋର ଅସ୍ତିତ୍ୱ ନାହିଁ
ତୁମେ କିନ୍ତୁ ଶରୀର ଧାରୀ
ଥକିଯାଅ କାହିଁ ପାଇଁ ?
ଛାଇ ଆହୁରି କହିଲା ପୁଣି
ମୁଁ ଶୁଣୁଥାଏ ମଉନ ହୋଇ
ମୁଁ କେବଳ ମଣିଷ ସାଥେ
ଖେଳେନାହିଁ
ଖେଳେ ସଜୀବ ନିର୍ଜୀବ ସବୁରି
ସାଥୀରେ ଥାଇ
ଯିଏ ଧାଏଁ ତା'ସାଥେ ଧାଉଁଥାଏଁ ମୁହିଁ
ଯିଏ ଆସ୍ତେ ଆସ୍ତେ ପାଦ ଥାପେ
ମୁଁ ଧିରସ୍ଥିରେ ଗତିକରେ ତା ସାଥେ
ସେ ଅଟକି ଗଲେ ମୁଁ ରହିଯାଏ ତହିଁ
ଛାଇ ଆଲୁଅରେ ଖେଳେ ମୁଁ ଲୁଚକାଳି
ଛୋଟ ଶିଶୁମାନଙ୍କର ମୁଁ ଆଦର
ଭାରି।
ତାଙ୍କ ସାଥେ ଖେଳେ ଲୁଚକାଳି
କିଏ ଡିଏ ବେଙ୍ଗ ଭଳି ତ ପୁଣି
କିଏ ଖେଳେ ଜଳ ଢାଳିଢାଳି
ଏହି ତ ମୋ ଛାଇ ଆଲୁଅର
ଖେଳ ଲୁଚକାଳି ।

ସହଦେବଖୁଣ୍ଟା,ବାଲେଶ୍ୱର

### ନିଜ ଲୁହ ବେଶି ନିଜର ଲାଗୁଛି

ତାରାପ୍ରସାଦ ଜେନା

ନିଜ ଲୁହ ବେଶି ନିଜର ଲାଗୁଛି
ମନକୁ ହାଲୁକା କରେ
ଭାବ ଅଭାବର ମାୟା ଜଗତରେ
ନିହାତି କଷ୍ଟକୁ ଡରେ
ନିଜ ଲୁହ ବେଶି ନିଜର ଲାଗୁଛି।

ଈର୍ଷା କରିନାହିଁ ବଡ଼ ସୁଖ ପାଇଁ
ଆଶାର ଉଚ୍ଚାଟ ଲାଗି
ମାନ ଅଭିମାନ ଭିତରେ ଜଳୁଛି
ବାହାରେ ସାଜିନି ରାଗି,
ଦୂର ଦିଗନ୍ତକୁ ଆଖି ଫେରାଇ ମୁଁ
ନିଃଶ୍ୱାସ ଛାଡୁଛି ଖରେ
ନିଜ ଲୁହ ବେଶି ନିଜର ଲାଗୁଛି।

ଜୀବନ ଥାଇକି ନିଶ୍ଚଳ ଦେହଟା
ଭାଙ୍ଗି ବି ପଡୁଛି କେବେ
ଆଲୋକ ସହିତ ଅନ୍ଧାର ଖେଳୁଛି
କିଏସେ ଆତ୍ମାର ହେବେ,
ଭାବନାର ଅନ୍ତ ସୁଦୂର ପ୍ରସାରି
ଆଶ୍ୱାସ ମିଳୁନି ବାରେ
ନିଜ ଲୁହ ବେଶି ନିଜର ଲାଗୁଛି।
ଦୋଷ ଦେବା କାମ ଇଚ୍ଛାମତେ ଛାଡ଼ି
ଭାଗ୍ୟକୁ ମାନୁଛି ବାଧ
ପ୍ରାରବ୍ଧର ଫଳ ଭୋଗୁଅଛି ଅବା
ସୁଖକୁ ହେଉନି ସାଧ,
ବିଧି ବିଧାତାକୁ ମୁଣ୍ଡ ନୁଆଁଉଛି
ଲୁହରୁ ଲହୁକୁ ଝରେ
ନିଜ ଲୁହ ବେଶି ନିଜର ଲାଗୁଛି।

+ରଣପୁର(ଗୋଡ଼ିପାଟଣା ସାହି),
ରାଜ ରଣପୁର, ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦







# ଦୋସ୍ତ ବନିଗଲା ଘଂଟା



**ନଗେନ୍ଦ୍ର ନାଥ ପଟ୍ଟନାୟକ**



ଅର୍ଣ୍ଣବର କ୍ରିକେଟ୍‌ଖେଳ ପ୍ରତି ଭାରି ସଉକ। କ୍ରିକେଟ୍ ଖେଳିବାକୁ ତା'ର ଖୁବ୍ ଆଗ୍ରହ। ମନ ତା'ର ପାଠପଢାରେ ମୋଟେ ଲାଗୁ ନ ଥାଏ । କ୍ରିକେଟ୍ ଖେଳ ଛଡା ଟି.ଭି ଦେଖିବାକୁ ମଧ ସେ ଖୁବ୍ ପସନ୍ଦ କରେ । ମାମା ପାପା ତା'ର ଏ ପ୍ରକାର ସ୍ୱଭାବରେ ଖୁବ୍ ଚିଡ଼୍‌ଚିଡ୍ ହୁଅନ୍ତି। କିନ୍ତୁ ଅର୍ଣ୍ଣବ ତ କ୍ରିକେଟ୍ ଦୁନିଆରେ ନିଜକୁ ପୂରାପୂରି ହଜେଇ ଦେଇଥାଏ। କେତେବେଳେ ଦିନତମାମ ବିତିଯାଏ ତାକୁ ଜମା ଜଣା ପଡେନାଇଁ ।

ପରୀକ୍ଷାର ଗୋଟେ ରାତି ଆଗରୁ ପାଠପଢିବାକୁ ବସିଲା । ସେ କିଛି ବି ବୁଝି ପାରିଲା ନାଇଁ ।

ପରଦିନ ପରୀକ୍ଷା। ସେଦିନ ପ୍ରଶ୍ନପତ୍ର ଗୁଡିକ ଉପରେ ଆଖି ବୁଲାଇ ଆଣିଲା ସିନା, ହେଲେ ଉତର ଖାତାରେ କିଛି ବି ଲେଖି ପାରିଲା ନାଇଁ । ଗୋଟିଏ ପରେ ଗୋଟିଏ ଏମିତି ସବୁ ପରୀକ୍ଷା ତା'ର ହାତଛଡା ହୋଇଗଲା। ସବୁ ପରୀକ୍ଷାର ଉତର ଖାତା ଗୁଡିକରେ ଉତର ଶୂନ୍ୟ । କିଛିଦିନ ପରେ ପରୀକ୍ଷା ଫଳ ବାହାରିଲା ବେଳକୁ ସେ ଫେଲ୍। ମାନେ ଉତୀର୍ଣ୍ଣ ହୋଇପାରିଲା ନାଇଁ। ଉପର ଶ୍ରେଣୀକୁ ଉଠିପାରିଲାନି । ସେ ଖୁବ୍ ମନଦୁଃଖ କଲା ବିଚରା । ଅଚାନକ ତା' ଆଖି ଯୋଡିକ ମେଲେଇ ହୋଇଗଲା। ଏ ଖରାପ ସପନ ସତ ପ୍ରମାଣିତ ହେଲା । ତେବେ ସେ ତା' ସପନରୁ ଶିକ୍ଷାଲାଭ କଲା।

ପରୀକ୍ଷା ହେବାକୁ ଆଉ କିଛିଦିନ ବାକି। ଏମିତି କେତେଦିନ ପଢିବା ପରେ ଯେନତେନ ପ୍ରକାରେ ସେ ପରୀକ୍ଷାରେ ଉତୀର୍ଣ୍ଣ ହୋଇଗଲା। ଉପର ଶ୍ରେଣୀକୁ ଉଠିଲା । ପଣ ଖାଇଲା, ଆଗାମୀ ବର୍ଷ ସେ ପରୀକ୍ଷାରେ ପ୍ରଥମ ସ୍ଥାନ ଅଲବତ୍ ଅଧିକାର କରିବ ।

ସେ ପ୍ରଥମେ ଟେବୁଲ ଘଂଟା ସହିତ ମିତ ବସିଲା । ସାରା ଦିନର ସବୁକାମ କରିବା ଲାଗି ଏକ ସମୟସୀମା ଧାର୍ଯ୍ୟକଲା । ନିର୍ଦ୍ଦିଷ୍ଟ ସମୟସୀମା ସହ ତାଳମେଳ ରଖିବାରେ ନିଜକୁ ଅଭ୍ୟସ୍ତ କରାଇଲା ।

ପ୍ରତିଟି କାମକୁ ଠିକଣା ସମୟସୀମା ମଧରେ କରିବା ପାଇଁ ସେ ଘର କାନ୍ଥରେ ଝୁଲୁଥିବା କାନ୍ଥଘଡିକୁ ମଧ ବ୍ୟବହାର କଲା। ଘରୁ ଗୋଡକାଢି ପଦାକୁ ଗଲାବେଳେ ସେ ହାତଘଡିକୁ ବ୍ୟବହାର କଲା । ଫଳରେ ତାକୁ କ୍ରିକେଟ ଖେଳ ଆଉ ପଢିବା ପାଇଁ ପୂରା ସମୟ ମିଳିଗଲା।

ଏ ବର୍ଷ ଶ୍ରେଣୀ ପରୀକ୍ଷାରେ ସେ ସର୍ବାଧିକ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଦଖଲ କଲା । ଖାଲି ସେତିକି ନୁହେଁ , କ୍ରିକେଟ୍ ଖେଳ ବି ଜାରି ରଖିଲା । ଫଳରେ ତା'ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ ବିଜୟ ହାସଲ କଲା ।

ଶିକ୍ଷା-ପିଲାଏ ! ତୁମେମାନେ ଯଦି ଠିକଣା ସମୟ ଭିତରେ ପ୍ରତିଟି କାମକୁ ପୂରା କରିବ ତେବେ ତୁମେ ସଫଳତା ନିଶ୍ଚେ ହାସଲ କରିବ ।

+ ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ: ୯୪୩୮୩୩୨୧୩୮

# ପରୋପକାର

**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ଖରାଦିନ ହେବାରୁ ପରୀକ୍ଷା ପରେ ଆସିଲା ଗ୍ରୀଷ୍ମ ଛୁଟି । ସ୍କୁଲ ଯିବାକୁ ନଥିବାରୁ ସୋନୁ ସବୁଦିନ ସକାଳୁ ଉଠି ବାହାରି ପଡୁଥାଏ ବ୍ୟାୟାମ କରିବା ପାଇଁ । ନିତ୍ୟକର୍ମ ସାରି ଚାଲିଯାଏ ସାଇକେଲ ଚଲାଇବାକୁ । ସକାଳୁ ରାସ୍ତା ଖୋଲା ରହୁଥାଏ । ଯାନବାହାନ ଗାଡିମଟର ଚଳାଚଳ କମ୍ ରହୁଥାଏ। ଘଣ୍ଟାଏ ଦୁଇ ଘଣ୍ଟା ସାଇକେଲ ଚଲାଇ ସୋନୁ ଘରକୁ ଫେରି ଆସୁଥାଏ ବାପା ଅଫିସ୍ ଯିବା ଆଗରୁ । ସୋନୁର ବାପା ଠିକ୍ ଆଠଟା ବେଳେ ବାହାରି ପଡ଼ନ୍ତି ଅଫିସ୍ ଯିବା ପାଇଁ ।

ଦିନେ ବାପା ଅଫିସ୍ ଯିବା ପାଇଁ ବାହାରି ସାରିଥିଲେ ବି ସୋନୁ ଘରକୁ ଫେରି ନଥାଏ । ପୁଅର ଘରକୁ ଫେରିବା ଡେରି ହେବାରୁ ସୋନୁର ମା' ବ୍ୟସ୍ତ ହେଉଥାଆନ୍ତି । ଘର ବାରଣ୍ଡାରେ ଠିଆ ହୋଇ ରାସ୍ତା ଆଡ଼କୁ ବାରମ୍ବାର ଚାହୁଁ ଥାଆନ୍ତି । ବାପା ବି ସୋନୁର ଘରକୁ ଫେରିବା ଡେରି ହେବାରୁ ଚିନ୍ତାର ଥାଆନ୍ତି । କାରଣ କ'ଣ ହୋଇପାରେ ଭାବୁ ଥାଆନ୍ତି । ମନକୁ ଆସୁଥାଏ ହୁଏତ ସାଇକେଲ ନେଇ ଦୂରକୁ ଚାଲି ଯାଇଛି ସେଥିପାଇଁ ଫେରିବା ଡେରି ହେଉଛି କିମ୍ବା ସାଇକେଲର କିଛି ଅସୁବିଧା ହୋଇ ଥାଇପାରେ । ଆଉ ଦିନେ ପରା ସାଇକେଲ ଚେନ ଛିଣ୍ଡି ଯିବାରୁ ତାକୁ ଚାଲି ଚାଲି ଆସିବାକୁ ପଡିଥିଲା କେତେ ଦୂରରୁ ।

ଆହୁରି ଅଧିକ ବିଳମ୍ବ ହେବାରୁ ବାପା ନିଜେ ବ୍ୟସ୍ତ ହେବାକୁ ଲାଗିଲେ। ଏ ପଟେ ଅଫିସ୍ ବେଳ ହୋଇ ଯାଉଥାଏ । ସୋନୁ ସେଯାଏ ଘରକୁ ଫେରି ନଥିବାରୁ ତାଙ୍କୁ ବିରକ୍ତ ଲାଗିଲା । ସେ କହିଲେ ଆଉ ତାକୁ ସକାଳୁ ସାଇକେଲ ନେଇ ରାସ୍ତାରେ ଯିବାକୁ ମନା ଦେବେ ନାହିଁ । ବାଧହୋଇ ସେ ନିଜ ସ୍କୁଟର୍ ନେଇ ବାହାରୁଥିଲେ ସୋନୁକୁ ଖୋଜିବାକୁ । ଏତିକି ବେଳେ ସେପଟୁ ସୋନୁ ସାଇକେଲରେ ଫେରୁଥିବା ଦେଖି ପାରିଲେ । ମା ସୋନୁକୁ ଦେଖି ଖୁସି ହୋଇଗଲେ । ଏତେ ଡେରି ହେବାର କାରଣ ପଚାରିବାରୁ ସୋନୁ କହିଲା,

- ସେ ଘରକୁ ଫେରିବା ବେଳେ ଦେଖିଲା ବସ୍‌ରୁ ଓହ୍ଲାଇବା ସମୟରେ ଜଣେ ବୁଢ଼ା ଲୋକ ରାସ୍ତାରେ ପଡିଗଲେ । ବସଟି ତାଙ୍କୁ ସେଇଠି ଛାଡ଼ି ଚାଲିଗଲା । ପାଖରେ ଆଉ କେହି ନଥିଲେ । ତେଣୁ ସେ ବୁଢ଼ା ଲୋକ ଜଣଙ୍କୁ ରାସ୍ତାରୁ ଉଠାଇ ଗୋଟିଏ ଗଛମୂଳେ ବସିବାରେ ସାହାଯ୍ୟ କଲା । କିଛି ଦୂରରେ ଥିବା ଦୋକାନରୁ ପାଣି ଆଣି ପିଇବାକୁ ଦେଲା । ବୃଦ୍ଧ ଲୋକ ଜଣକ ସାଷ୍ଟମ ହେବାରୁ ତାଙ୍କୁ ନେଇ ତାଙ୍କ ଘରେ ଛାଡ଼ି ଦେଇ ଆସିଲା । ସୋନୁ କଥା ଶୁଣି ବାପାଙ୍କ ରାଗ ନିଆଁରେ ପାଣି ପଡ଼ିବା ଭାଳି ଶାନ୍ତ ହୋଇଗଲା । ସେ ଜାଣି ପାରିଲେ ପରୋପକାର କରିବାକୁ ଯାଇ ତା'ର ଘରକୁ ଫେରିବା ଡେରି ହୋଇଛି । ଛୋଟ ବୟସରେ ସୋନୁ ଗୋଟିଏ ଭଲ କାମ କରିଛି । ଏପରି ଅସହାୟ କିମ୍ବା ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କ ସହାୟତା କରିବା ଉଚିତ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬ ମୋ:୯୯୬୮୨୮୦୮୯୬



## କବିତା
ତୁମ ପାଇଁ



## ବୈଶାଖ ଛୁଇଁଲା ଆସିକି ଧରା
**ନୀଳମଣି ଚାନ୍ଦ**

ଦେଏ ତୋଟାମାଳେ ଝିଙ୍କାରି ଗାଇ
ଖୁସି ହେବେ ସବୁ ଭଉଣୀଭାଇ
କହିବେ ଆହାରେ କି ଟାଣ ଖରା
ବୈଶାଖ ଛୁଇଁଲା ଆସିକି ଧରା।

ପିଅ ବେଲପଣା,ପଇଡ଼ ଲସି
ଖାଅ ତରଭୁଜ ସଭିଏଁ ବସି
ସଞ୍ଜ ହେଲେ ମଲ୍ଲୀ ଫୁଲଟି ଫୁଟେ
ଚଉଦିଗେ ତା'ର ମହକ ଛୁଟେ।

ବାଷ୍ପହୋଇ ଜଳ ଶୂନ୍ୟକୁ ଗଲା
ଟାଣଖରା ଏଇ କାମଟି କଲା
ମିଳିଲା ପଣସ ଆମ୍ବ ଯେ କେତେ
ଖରାରେ ପଦାକୁ ଯାଅନା ଏତେ।

ଅଂଶୁଘାତ, କାଳବୈଶାଖୀ ଡର
ମରୀଚିକାଟିକୁ ଲକ୍ଷ୍ୟ ଯେ କର
ଘିରି ଘିରି ଘୂରେ ଖଣ୍ଡିଆଭୂତ
ଜାଣ ସିଏ କ'ଣ ପଢିକି ତୁ ତ।

ଯିଏରେ କହଇ ନିଦାଘ କଥା
ଶୁଣି ଘୂରିଯାଏ ସଭିଙ୍କ ମଥା
ତାତି, ଗୁଳୁଗୁଳି ବଢିଲା ପରା
ବୈଶାଖ ଛୁଇଁଲା ଆସିକି ଧରା।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପରିବେଶ ମନଲୋଭା...
**ରାମଚନ୍ଦ୍ର ବେହେରା**

ବେଂଗୁଲୀ ଡରଇ ଢମଣା ସାପକୁ
ସାପ ଡରେ ନେଉଳକୁ
ନେଉଳ ଡରଇ ଶିକାରୀ ଭାଇକୁ
ଶିକାରୀ ବାଘ ମାମୁଁକୁ।

ମୂଷା ଡରିଥାଏ ପୁଷି ବିଲେଇକୁ
ପୁଷି ଡରେ କୁକୁରକୁ
ଘାସ ଡରିଥାଏ ଗାଇ ବଳଦଂକୁ
ଚାଷୀ ଡରେ ଗ୍ରୀଷମକୁ।

ନିଆଁ ଡରିଥାଏ ଶୀତଳ ଜଳକୁ
ଗଛ ଡରେ ମଣିଷକୁ
ବଣ ସଫାକରି ଗଢେ କାରଖାନା
ଭୁଲଇ ପରିବେଶକୁ।

ଗଛ କମିବାରୁ ବରଷା ଆସୁନି
ଚିନ୍ତାରେ ମାନବ ଜାତି
ପ୍ରଦୂଷଣ ଯୋଗୁଁ ଧରଣୀ ବୁକୁରେ
ବଢ଼ୁଛି ଖରାର ତାତି।

ଖରା ତାତି ଆଜି ଡର ଦେଖାଉଛି
ଅଂଶୁଘାତ ରୂପ ନେଇ
ଝାଂଜି ବହୁଅଛି ସାରା ରାଇଜରେ
ଶୁଖିଲା ପୋଖରୀ ନଈ।

ପାଣି ଅଭାବରୁ ବଣ୍ୟ ଜୀବଜନ୍ତୁ
ବୁଲିଲେ ଗାଆଁ ଦାଣ୍ଡରେ
କୃଷକ ଭାଇର ଚାଷକ୍ଷେତ ଆଜି
ବଣ ହାତୀ କବଳରେ।

ଗ୍ରୀଷମ ପ୍ରକୋପ ଡରାଇ ଦେଲାଣି
ଜିଇଁବାକୁ ଧରା କୋଳେ
ସବୁଠାରୁ ବଡ ଡର ଆଜି ପରା
ପ୍ରଦୂଷଣ ଦେଶେ ଖେଳେ।

ଆସ ସର୍ବେ ମିଳି ଗଛ ଲଗାଇବା
ଯତନ ତାହାର ନେବା
ତରୁ ଲତା ସହ ଧରା ପୃଷ୍ଟେ ହେବ
ପରିବେଶ ମନଲୋଭା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବଣି ଓ ତପନ
**ତପନ କୁମାର ବେହେରା**

ଅକଲ କମଲ ଟକଲ ଟିଆଁ
କହ ଲୋ ବଣି
ମୋ କଥା ଶୁଣି
ଶୁଖେଇ ମୁହଁ, ଦୁଃଖେ ବସିଛୁ କିଆଁ ?

କହିଲା ବଣି ତପନ ଭାଇ
ତପନ ତାପ
ଭାରି ପ୍ରତାପ
ହେଉଛି କେତେ, ଜଣା କି ପଡୁ ନାହିଁ ?

ବଣ ଜଙ୍ଗଲ କରିଲ ପଦା
ବରଷା ନାହିଁ
କେଉଁଠି କାହିଁ
ମିଳୁନି ପାଣି ହେଉଛି ଅସୁବିଧା।

ନଈ ପୋଖରୀ ଶୁଖି ଗଲାଣି
ଫାଟିକି ମାଟି
ପଟି କି ପଟି
କରିଛି ଆଁ ନପାଇ ଟୋପାଏ ପାଣି।

ପରିବେଶ କୁ ହୋଇଲେ ବାଧା
ନଥିବ ଖାଦ୍ୟ
ପାନୀୟ ଜଳ
ହୋଇ ବିକଳ ଭୋଗିବା ଅସୁବିଧା।

ଗଢ଼ିଲ କଳ ଚଢ଼ିଲ ଗାଡ଼ି
ଆକାଶ କୋଳେ
ବାୟୁ ମଣ୍ଡଳେ
ଅଙ୍ଗାରକାମ୍ଳ ଗଲାଣି ଦେଖ ବଢ଼ି।

ଓଜନ ସ୍ତର ହେଲାଣି ହ୍ରାସ
ନପାରି ଛାଣି
ଆସୁଛି ଆଣି
କିରଣ ସାଥେ ହଳାହଳର ବିଷ।

ଏମିତି ହେଲେ ଜୀବ ଜଗତ
ବିକଳ ମନେ
ଅଳପ ଦିନେ
ଅଜଣା ରୋଗେ ହୋଇବା ସବୁ ହତ।

ସାବଧାନ ହୁଅ ସମୟ ଥାଉଁ
ଲଗାଅ ଗଛ
ଯେ ଯେତେ ଅଛ
ପରିବେଶ ଆମ ସୁଧୁରି ଯାଉ।

ପରିବେଶ ଆମ ସୁଧୁରି ଗଲେ
ରହିବା ସୁସ୍ଥେ
ଆମେ ସମସ୍ତେ
ଭୁଲିଣ ଦୁଃଖ ସୁଖେ ବଞ୍ଚିବା ଭଲେ।

ଧନ୍ୟ ଲୋ ବଣି ହୋଇ ତୁ ପକ୍ଷୀ
ଜ୍ଞାନର ବଳେ
ବିବେକ ଛଳେ
ଆଜି ଖୋଲି ଦେଲୁ ମୋ ଆଖି।

କାନପୁର, ନରସିଂହପୁର, କଟକ
(ମୋ) ୭୦୦୮୧୮୮୩୫୬

## ଟିକି ଟିକି କଥା
**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ପାହାଡ଼ ମଥାନେ ସୁରୁଜ
ଫଟା ପୋଷାକରେ ଲାଇକ ଅଧିକ
ହଜିଲା ସରମ ଲାଜ।

ଡାଳରେ ଫୁଟିଛି ଡାଲିଆ
ମେସିନ ହାତରେ କାମକୁ କରାଇ
ହେଉନାହିଁ କିଏ ହାଲିଆ।

ନିରିମଳ ଗାଆଁ ପୋଖରୀ
ବିଜ୍ଞାନ ଉଡିଲା ଗ୍ରହ ଗ୍ରହାନ୍ତରେ
ଚାନ୍ଦକୁ ଚାହୁଁ ନି ଚକୋରି।

ପୋଖରୀ ଛାତିରେ କଇଁ
ମୁଢି ନଡ଼ିଆର ପାଗ ଭୁଲିଯାଇ
ମୋମୋଜ ଖୁଆନ୍ତି ମାଇଁ।

ଗାଆଁ ମୁଣ୍ଡ ସରୁ ନଈ
ପପ ସଂଗୀତରେ ଘର ଦୁଲୁକୁଛି
ଭାଗବତ ଶୁଭେ ନାଇଁ।

ମନ୍ଦିରେ ବାଜିଲା ଘଣ୍ଟି
ସନମାନ ଭୁଲି ସାନ ବି ଏଠାରେ
ଧରଇ ବଡର ତଣ୍ଟି।

ଚଉରା ମୂଳରେ ଦୀପ
ପ୍ରାର୍ଥନା କରିବା ଜଗତରୁ ହଟୁ
ଅପସଂସ୍କୃତିର ଛାପ।



+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଗାଆଲୋ ବଉଳ ନିଦାଘର ଗୀତ
**ପ୍ରଶାନ୍ତ କୁମାର ଦାଶ**

ନାହିଁତ ବରଷା ହାଡଥରା ଶୀତ
ଗାଆଲୋ ବଉଳ ନିଦାଘର ଗୀତ
ସହର ଗାଆଁରେ ଖରା
ଛାଇଟିକେ ନାହିଁ ପବନବି ନାହିଁ
ଶରୀରରେ ଝାଳ ଭରା ।।

ଯାଅନା ପଦାକୁ ପଙ୍ଖା ତଳେ ବସ
ପିଅ ପାଣି ପଣା ଛୁଟିବାକୁ ହସ
ପେଟ ରଖନାହିଁ ଖାଲି
ବାହାରକୁ ଗଲେ ପାଦେ ଜୋତା ପିନ୍ଧ
ତାତି ନିଆଁ ମାଟି ବାଲି ।।

ଶୁଖିଲାଣି ନଈ ପୋଖରୀର ପାଣି
ବେଳୁ ବେଳ ଖରା ବଢାଏ ତା ଠାଣି
ଚାଷୀଭାଇ ମନ ଦୁଃଖ
ସପନତା ଥିଲା ଶସ୍ୟ ଉପୁଜାଇ
ବାଣ୍ଟିବ ସଭିଙ୍କୁ ସୁଖ ।।

ଗଛଟିଏ ନାହିଁ ବଣ ତୋଟା ପଦା
ପଶୁ ପକ୍ଷୀଙ୍କର ସପନ ଯେ ଅଧା
ଘାସ ତ ଗଲାଣି ମରି
ଆଗକୁ ଆସୁଛି ବିପଦ ବାଧକ
ଦିନ ବିତେ ଡରି ଡରି ।।

ବରଷା ନେଲାଣି ଆକାଶୁ ମେଲାଣି
ସରସା ଭୂଇଁଟା ଟାଙ୍ଗରା ହେଲାଣି
ପାଳ୍ୱାନି ଫୁଲ ଫଳ
ମିଳିବନି ଆଉ ବଞ୍ଚିରହିବାକୁ
ସୁଶୀତଳ ମିଠାଜଳ ।।

ଆ 'ଲୋ ବଉଳ ଗାଆଁମାଟି କୋଳେ
ଦେଖିବୁ ତା ରୂପ ତୋର ଆଖିଡୋଳେ
ଶିରୀହୀନ ଆଜି ଗାଆଁ
ଗଛର ଅଭାବେ କେମିତି ଆକାଶୁ
ନିଆଁତ ଖସୁଛି ଛାଆଁ ।।

ବଉଳ ତୁ ଫେରି ଯାଆନ ସହର
ସହର ଛାଡିରେ ସୁ ଉଚ୍ଚ ନଅର
ଖରା ତାତି ନିଆଁ ଭରା
ଗଛ ଲଗାଇବା ହସି ମିଳି ମିଶି
ହଟିଯିବ ଶେଷେ ଖରା ।।

+ କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
(ମୋ) -୯୬୬୮୮୨୨୧୯୦



## ଜୀବିକା
**ଆଦ୍ୟାଶା ମହାପାତ୍ର**

କରଣ ଟିଏ ଦେଖ ମୋ ହାତେ
ରାଜମିସ୍ତ୍ରୀଟେ ମୁହିଁ
ଗଢଇ ସେତୁ ପ୍ରାସାଦ, ପୋଲ
ଜୀବିକାର୍ଜନ ପାଇଁ ।।

ଇଟା ସିମେଣ୍ଟ ରଡ଼ କଙ୍କର
ଯୋଗାଇଦିଏ ନେଇ
ଶ୍ରମଦାନରେ ପଇସା ପାଏ
ଶ୍ରମିକ ଟିଏ ମୁହିଁ ।।

ଲଙ୍ଗଳ କଣ୍ଟି ଅବା ଦାଆ ଟେ
ଥାଆନ୍ତି ମୋର ସାଥେ
କୃଷକ ମୁହିଁ ଜୀବିକା ପାଇଁ
ଖଟୁଥାଏ ମୁଁ କ୍ଷେତେ ।।

କାଠ ମିସ୍ତ୍ରୀ ମୁଁ କରତ ରନ୍ଦା
ମୋ ହାତେ ଅଛି ଦେଖ
ଗଢଇ ମୁହିଁ କବାଟ ଝର୍କା
ଚୌକି ଅବା ପଲଙ୍କ ।।

ନିହାଣ ଟିଏ ଥାଏ ମୋ ହାତେ
ମୁଗୁର ଟିଏ ଥାଏ
ଗଢଇ ମୂର୍ତ୍ତି, ମୋ କଳାକୃତି
ସବୁରି ମନ ଛୁଏଁ ।।

କୁମ୍ଭାର ମୁହିଁ ଗଢେ ମାଠିଆ
ସୁରେଇ,ଦୀପ ପୁଣି
ଶ୍ରମ ମୋହର ହୁଏ ସାର୍ଥକ
ଗରାଖ ନେଲେ କିଣି ।।

ଯେ ଯାହା ମତେ କରଇ କର୍ମ
ନିଜ ଜୀବିକା ପାଇଁ
କର୍ମ କରିଣ ପୋଷିଲେ ପେଟ
ସାହା ଜଗତ ସାଇଁ ।।

+ ନୂଆପଡା, କଟକ

# ମାଲଗୋଦାମରେ ହରଡ଼ ଡାଲି କିଲୋ ୧୬୫ ଛୁଇଁଲା



କଟକ, ୦୩/୫ (ନି.ପ୍ର): ପୁଣି ଆରମ୍ଭ ହୋଇଛି ହରଡ଼ ଡାଲିର କଳାବଜାରୀ। ମହାରାଷ୍ଟ୍ର ଓ ଛତିଶଗଡ଼ରେ ଚଳିତ ବର୍ଷ ଯଦିଓ ହରଡ଼ ଡାଲି ଭଲ ଉତ୍ପାଦନ ହୋଇଛି, କିନ୍ତୁ ଏହାର କଳାବଜାରୀ ଯୋଗୁଁ ରାଜ୍ୟରେ ଦର ବଢ଼ି ଏବେ କିଲୋ ୧୬୫ ଟଙ୍କା। ଫେବ୍ରୁଆରି ମାସରେ ଡାଲି କିଲୋ ୧୩୦ ଟଙ୍କା ଥିବା ବେଳେ ଦୁଇ ମାସରେ ୩୫ ଟଙ୍କା ବଢ଼ି ଯାଇଛି। ମାଲଗୋଦାମରେ ଦୁଇ ପ୍ରକାର ହରଡ଼ ଡାଲି ବିକ୍ରି ହେଉଛି। ଗୋଟିଏ ପ୍ରକାର ଡାଲି କେଜି ପିଛା ୧୫୨ ଟଙ୍କା ଓ ୧୬୫ ଟଙ୍କା ମୂଲ୍ୟରେ ବିକ୍ରି ହୋଇଛି। ଖୋଲାବଜାରରେ ୧୫୨ ଟଙ୍କିଆ ଡାଲି କେଜି ପିଛା ୧୫୮ରୁ ୧୬୦ ଯାଏ ବିକ୍ରି ହେଉଛି। ବର୍ତ୍ତମାନ ୧୫୨ ଟଙ୍କା ଥିବା ହରଡ ଡାଲି ଚଳିତବର୍ଷ ଫେବ୍ରୁଆରିରୁ ଏପ୍ରିଲ ଯାଏ ୧୩୦ରୁ ୧୩୫ ଟଙ୍କା ଥିବା ବେଳେ ଏପ୍ରିଲ୍ ଶେଷ ଆଡ଼କୁ ୧୫୬ ଛୁଇଁଥିଲା। ମେ' ପହିଲାରେ ୧୫୧କୁ ଖସି ପୁଣି ୧୫୨ ଛୁଇଁଲାଣି। ସେହିଭଳି ଏବେ ୧୬୫ ଟଙ୍କା ଥିବା ଡାଲି ଫେବ୍ରୁଆରି ଓ ମାର୍ଚ୍ଚରେ ୧୪୫ ଟଙ୍କା ଥିବା ବେଳେ ଏପ୍ରିଲ୍‌ରେ ବି ପାଖାପାଖି ସେତିକି ଥିଲା। ୨୦୨୩ ମେ'ରେ ଉତ୍ପାଦନ କମ୍ ଥିବା ସତ୍ତ୍ୱେ ହରଡ଼ ମୂଲ୍ୟ ୧୧୫ରୁ ୧୨୦ ଟଙ୍କା ଯାଏ ରହିଥିଲା। କିନ୍ତୁ ଏଥର ଭଲ ହୋଇଥିବା ସତ୍ତ୍ୱେ ମୂଲ୍ୟ ୧୬୫ ଟଙ୍କା ଛୁଇଁଲାଣି। ମାଲଗୋଦାମର ଡାଲି ବ୍ୟବସାୟୀମାନେ ହରଡ଼ ଓ ବୁଟ ଡାଲି ଗୋଟିଏ ସମୟରେ ଉତ୍ତରପ୍ରଦେଶର କାନପୁର ଓ ଆନ୍ଧ୍ର ପ୍ରଦେଶରୁ ଆମଦାନୀ କରୁଥିଲେ। ଗଲା ୧୫ ବର୍ଷ ହେବ ଛତିଶଗଡ଼ ଓ ମହାରାଷ୍ଟ୍ରର ନାଗପୁରରୁ ମାଲଗୋଦାମ ବ୍ୟବସାୟୀ ଆମଦାନୀ କରୁଛନ୍ତି। ନଭେମ୍ବର-ଡିସେମ୍ବରରେ ହରଡ଼ ଡାଲି ଉପରୋକ୍ତ ରାଜ୍ୟରେ ଅମଳ ହୁଏ। ପ୍ରଥମେ କର୍ଣ୍ଣାଟକ ରାଜ୍ୟରୁ ଆସେ। ପରେ ମହାରାଷ୍ଟ୍ର ଓ ଶେଷରେ ଛତିଶଗଡ଼ ରାଜ୍ୟରୁ ହରଡ଼ ଡାଲି ମାଲଗୋଦାମକୁ ଆମଦାନୀ ହୋଇଥାଏ। ଏବେ ପ୍ରତିଦିନ ମାଲଗୋଦାମକୁ ହରଡ଼ ପାଖାପାଖି ୧୫୦ ଟନ୍ ଆମଦାନୀ ହେଉଛି। ହରଡ଼ ଡାଲିର ଚାହିଦା ରାଜ୍ୟରେ ଏଭଳି ରହିଛି ଯେ ମାଲଗୋଦାମରେ ଦୈନିକ ହରଡ଼ ଡାଲି ୯୦ ଟନ୍ କାରବାର ହେଉଛି। ଅର୍ଥାତ ୩କୋଟି ଟଙ୍କାର ଡାଲି ଦୈନିକ କଟକ ସହର ସମେତ ଗ୍ରାମାଞ୍ଚଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା ଜିଲ୍ଲାକୁ ଯୋଗାଣ ହେଉଛି। ମାଲଗୋଦାମ ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ ବଡ଼ କମ୍ପାନି ଓ ମଲ୍ ମାଲିକଙ୍କ ପାଇଁ ଏହି ମୂଲ୍ୟ ବୃଦ୍ଧି ହେଉଛି। ନାଗପୁର ଓ ରାୟପୁରରେ କମ୍ପାନି ମାଲିକମାନେ ଡାଲି କିଣି ନେଉଛନ୍ତି। ସେମାନେ ଡାଲିକୁ ନିୟନ୍ତ୍ରଣ କରି ବଜାରକୁ ଛାଡୁଥିବାରୁ ଏହାର ମୂଲ୍ୟ ଏଭଳି ଅସ୍ୱାଭାବିକ ବୃଦ୍ଧି ପାଉଛି।

## ମନରେଗା ଶ୍ରମିକ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୦୩/୫ (ନି.ପ୍ର): ଶ୍ରମିକ ଦିବସ ଉପଲକ୍ଷେ ଗତକାଲି ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ମାଲକାନଗିରି ବ୍ଲକ୍ ପଡ଼ିଆରୁ ଏକ ରାଲିରେ ହଜାରରୁ ଅଧିକ ମନରେଗା ଶ୍ରମିକ ଓ ଗାଁ ସାଥି ମାନେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମାଲକାନଗିରି ଜିଲ୍ଲାକୁ ଦାଦନ ମୁକ୍ତ ଜିଲ୍ଲା ଘୋଷଣା, ମନରେଗା ଶ୍ରମିକଙ୍କୁ ତୁରନ୍ତ ପାଉଣା ପ୍ରଦାନ, ୧୦୦ ଦିନ ଶ୍ରମ ଦିବସକୁ ୩୦୦ କୁ ବୃଦ୍ଧି, ଶ୍ରମ ମଜୁରି ସହ ଅଣ ମଜୁରି ସରଞ୍ଜାମ ମୂଲ୍ୟ ପ୍ରଦାନ, ଭୂମିହୀନ ଶ୍ରମିକଙ୍କୁ ଘରଡ଼ିଅ ପ୍ରଦାନ ଇତ୍ୟାଦି ପ୍ରମୁଖ ଦାବି ଥିଲା ଏହାସହ ୧୦୦ ଶ୍ରମ ଦିବସ ପୁରା କରିଥିବା ଶ୍ରମିକ ମାନଙ୍କୁମନରେଗା ଶ୍ରମିକ ସଂଘ ସଭାପତି ରାମଚନ୍ଦ୍ର ମାଡ଼କାମି ଓ ସଂପାଦକ କର୍ଣ୍ଣ ଦୁରୁଆ ସଂଗଠନ ତରଫରୁ ଉତ୍ତରିୟ ଦେଇ ସମ୍ମାନିତ କରିଥିଲେ ।

# ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ଡ଼ମାଗୁଡାବାସୀଙ୍କ ଶୋଷ ମେଣ୍ଟିବ କେବେ ?



ଘୁ.ଉଦୟଗିରି, ୦୩/୫ (ନି.ପ୍ର): ପ୍ରଚଣ୍ଡ ରୌଦ୍ରତାପକୁ ପ୍ରବଳ ଗରମ ଗୁଳୁଗୁଳିରେ ଅସହ୍ୟ ହେଉଛି ଜୀବନ। ଏହିଭଳି ପରିସ୍ଥିତିରେ ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଡ଼ମାଗୁଡ଼ାବାସୀ। ଦୀର୍ଘ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି ଘୁ .ଉଦୟଗିରି ବ୍ଲକ କଳିଙ୍ଗା ଗ୍ରାମ ପଞ୍ଚାୟତର ୧୧ନଂ ୱାର୍ଡର ଡୁଗୁଡ଼ିପାରି ଡମାଗୁଡ଼ା ଗ୍ରାମରେ ଥିବା ନଳକୂପ। ଟୋପାଏ ପିଇବା ପାଣି ପାଇଁ ସଙ୍ଘର୍ଷ କରିବାକୁ ପଡୁଛି। ଦୀର୍ଘ ରାସ୍ତା ଗଲେ ମିଳୁଛି ପିଇବା ପାଣି। ଗାଁ ପାଖରେ ଅଛି ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ। ସେଇ ଗୋଟିଏ ସୋଲାର ପ୍ରକଳ୍ପ ଉପରେ ତିନି ଖଣ୍ଡ ଗାଁ ଯଥା ରେଗାଁସାହି, ଦୁବେ ସାହି ଏବଂ ଡମାଗୁଡାର ୮୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ଏହି ସୋଲାର ପାନୀୟ ଜଳ ପ୍ରକଳ୍ପ ରେ ବି ସମସ୍ୟା ଭରି ରହିଛି।ମାତ୍ର କିଛି ସମୟ ପାଣି ଆସୁଛି ତାପରେ ବନ୍ଦ ଏହିଭଳି ଅବସ୍ଥାରେ ଜୀବନ କାଟୁଛନ୍ତି ଏହି ଗାଁ ଲୋକ।ସମସ୍ୟା ବୁଝିବାକୁ କେହି ନାହାନ୍ତି। ଡମାଗୁଡ଼ାରେ ଥିବା ଏକ ମାତ୍ର ନଳକୂପ ଦୀର୍ଘ ବର୍ଷ ହେଲା ଅଚଳ ହୋଇପଡ଼ିଛି। ବିଭାଗୀୟ କର୍ମଚାରୀ ଆସି ନଳକୂପ ମରାମତି କରି ବିଫଳ ହେବା ପରେ ଏଥିରେ ରଙ୍ଗ ଦେଇ ଅଚଳ ଚିହ୍ନଟ କରି ଚୁପ ହୋଇ ବସିଛନ୍ତି। ଗୋଟିଏ ନଳକୂପ ଅଚଳ ହେବା ପରେ ଆଉ ଗୋଟିଏ ନଳକୂପ ଖୋଲିବାକୁ ଭୁଲି ଯାଇଛନ୍ତି। ଲୋକ ପାଣି କେମିତି ପାଇବେ କେମିତି ବଞ୍ଚିବେ ଭୁଲି ଯାଇଛନ୍ତି ବିଭାଗୀୟ ଅଧିକାରୀ। କେବଳ ନାମକୁ ମାତ୍ର ବସୁଧା ଯୋଜନାରେ ପାଇପ୍ ବିଛା ଯାଇଛି। କିନ୍ତୁ ଟୋପାଏ ପାଣି ମିଳୁନି। ବର୍ତ୍ତମାନ୍ କୋଉଠି ପାଣି ପାଇପ୍ ଫାଟି ଗଲାଣି ତ କେଉଠି ପାଣି ଟ୍ୟାପ୍ ମଧ୍ୟ ଭାଙ୍ଗିଲାଣି। ଏବିଷୟରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ଅଚଳ ନଳକୂପ ଟିକୁ ମରାମତି କରିବା କିମ୍ବା ଏକ ନୂତନ ନଳକୂପ ଖନନ କରିବା ସହିତ ବିଛାଯାଇଥିବା ପାଇପ୍ ?ରେ ପାଣି ଯୋଗାଣ ଯେପରି ହୋଇପାରିବ ସେ ଦିଗରେ ଯଥାଶୀଘ୍ର ଦୃଷ୍ଟି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସରକାରଙ୍କ ନିକଟରେ ଗ୍ରାମବାସୀ ନେହୁରା ହୋଇ ଅନୁରୋଧ କରିଛନ୍ତି।

## ଦେଶୀ ମଦ ଜବତ: ବେପାରୀ ଅଦାଲତ ଚାଲାଣ

କୋରେଇ, ୦୩/୫ (ନି.ପ୍ର): ପାଣିକୋଇଲି ପୁଲିସ ଜଣେ ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ଦେଶୀ ମଦ ଜବତ କରିଛି । ପ୍ରକାଶଯେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଡାକୁରପାଟଣା ଛକରେ ଦେଶୀ ଚୋରା ମଦ କାରବାରର ଖବର ପାଇ ପାଣିକୋଇଲି ପୁଲିସ ଚଢାଉ କରିଥିଲା । ଠାକୁରପାଟଣା ଗ୍ରାମର ଗୌରାଂଗ ମଳିକଙ୍କ ସ୍ତ୍ରୀ ମଂଜୁ ମଳିକଙ୍କ ନିକଟରୁ ୪୦ ବୋତଲ (୮ଲିଟର) ଆସ୍କା ଫର୍ଟି ଜବତ କରିଥିଲେ । ତାକୁ ଗିରଫ କରିବା ପରେ ଏକ ମାମଲା ୨୩୯/୨୪ ରୁଜ୍ଜୁ କରି ୫୨(ଏ) ଓଡିଶା ଏକ୍ସସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକଙ୍କ ଠାରୁ ପ୍ରକାଶ ।

# ବେଧଡ଼କ ଚାଲିଛି କେନ୍ଦୁପତ୍ର କ୍ରୟ: ରାଜସ୍ୱ ହରାଉଛି ପଞ୍ଚାୟତ

ମାଲକାନଗିରି, ୦୩/୫ (ନି.ପ୍ର): ମାଲକାନଗିରି ଜିଲ୍ଲାର କେନ୍ଦୁପତ୍ରର ଚାହିଦା ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ବେଶ ରହିଛି । ସେଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର ମାଳ ମାଳ କେନ୍ଦୁପତ୍ର ବ୍ୟବସାୟୀଙ୍କ ଭିଡ ଜିଲ୍ଲାରେ ଦେଖିବାକୁ ମିଳିଥାଏ। ଜିଲ୍ଲାର ପଡିଆ, ମାଥିଲି, ମାଲକାନଗିରି, କାଲିମେଳା ବ୍ଲକର ବିଭିନ୍ନ ସ୍ଥାନରେ ଏହି ସମୟରେ କେନ୍ଦୁପତ୍ର ତୋଳି ଲୋକେ ବେଶ ଦୁଇ ପଇସା ରୋଜଗାର କରନ୍ତି । କେନ୍ଦୁପତ୍ର ବ୍ୟବସାୟର ଉତ୍ତମ ପରିବେଶ, କମ ଦରରେ ପତ୍ର ଉପଲବ୍ଧି କେନ୍ଦୁପତ୍ର ବ୍ୟବସାୟକୁ ଆହୁରି ସୁଦୃଢ କରିଥିଲେ ମଧ୍ୟ ସରକାରଙ୍କ ନିରୀକ୍ଷଣ ଅଭାବ ସହ କେନ୍ଦୁପତ୍ର ବ୍ୟବସାୟୀଙ୍କ ପ୍ରାର୍ଦୁଭାବ ଯୋଗୁଁ ଆଦିବାସୀ ଅଧ୍ୟୁଷିତ ଇଲାକାରେ କେନ୍ଦୁପତ୍ର ବ୍ୟବସାୟରୁ ସଂଗ୍ରହ ହେବାକୁ ଥିବା ରାଜସ୍ୱ ହରାଉଛନ୍ତି ସରକାର। ମାଲକାନଗିରି ଜିଲ୍ଲା ରେ କେନ୍ଦୁପତ୍ର ବିଭାଗ ତରଫରୁ ଟେଣ୍ଡର ଓ ଗ୍ରାମପଞ୍ଚାୟତ ପକ୍ଷରୁ ଖୋଲା ବଜାର ଦୁଇଟି ପ୍ରକ୍ରିୟାରେ କେନ୍ଦୁପତ୍ର କିଣାଯାଉଥିବା ବେଳେ ଗାଁ ଗାଁରେ ଉଭୟ ସରକାରୀ ଓ ବେସରକାରୀ ଫଡ଼ି ଦେଖିବାକୁ ମିଳୁଛି। କେନ୍ଦୁପତ୍ର ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିବା ବେଳେ ଏହି ଟେଣ୍ଡର ପାଇଥିବା ସଂସ୍ଥା ପକ୍ଷରୁ ବିଭିନ୍ନ ଗ୍ରାମରେ ସରକାରୀ ଫଡ଼ି କରି କେନ୍ଦୁପତ୍ର କ୍ରୟ କରୁଛନ୍ତି। ହେଲେ ବେସରକାରୀ ଫଡ଼ି ଗୁଡିକରେ ସମ୍ପୂର୍ଣ୍ଣ ଖୋଲା ବଜାର ମାଧ୍ୟମରେ କେନ୍ଦୁପତ୍ର କିଣା ଯାଉଛି। ଏହି ଫଡ଼ି ଲଗାଇବା ପାଇଁ କେନ୍ଦୁପତ୍ର କ୍ରେତା ସମ୍ପୃକ୍ତ ପଞ୍ଚାୟତରୁ ପେସା ଆଇନ୍ ଅଧିନରେ ପଞ୍ଚାୟତ ରସିଦ୍ କାଟି କେନ୍ଦୁପତ୍ର କ୍ରୟ କରିବାକୁ ଥିବା ବେଳେ ପ୍ରାୟ ସମସ୍ତ ପଞ୍ଚାୟତରେ ଏହି ନିୟମ ଖିଲାଫ୍ କରି କେନ୍ଦୁପତ୍ର କ୍ରୟ କରାଯାଉଥିବା ଥିବା ଦେଖିବାକୁ ମିଳିଛି। କାଲିମେଳା ବ୍ଲକର ୨୩ ପଞ୍ଚାୟତରେ ଫଡ଼ି ମାଧ୍ୟମରେ କେନ୍ଦୁପତ୍ର କିଣା ଯାଉଥିବା ବେଳେ କେତୋଟି ପଞ୍ଚାୟତରେ ଗୋଟିଏରୁ ଦୁଇଟି ରସିଦ୍ କଟା ଯାଇ ଥିବାବେଳେ କେତୋଟି ପଞ୍ଚାୟତରେ କିଛି ରସିଦ କଟା ଯାଇନଥିବା ଜଣାପଡିଛି । ବିଭିନ୍ନ ଫଡ଼ିରୁ କେନ୍ଦୁପତ୍ର କିଣାଯାଇ ଥିଲେ ମଧ୍ୟ ତୋଳାଳୀ ଠିକ୍ ଭାବେ ଟଙ୍କା ପାଇ ନଥିବା ବେଳେ ଏ ନେଇ ସରକାରଙ୍କ କୌଣଷି ହସ୍ତକ୍ଷେପ ନଥିବା ଜଣାପଡିଛି। ଅନ୍ୟପଟେ ସାଧାରଣ ନିର୍ବାଚନକୁ ନେଇ ସରକାରୀ ଅଧିକାରୀ ମାନେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ବ୍ୟବସାୟୀ ମାନେ ବେଧଡ଼କ କେନ୍ଦୁପତ୍ର କିଣିବା ସହ କୌଣଷି ରସିଦ୍ ବିନା କେନ୍ଦୁପତ୍ର ଫଡ଼ିରୁ ଗୋଦାମକୁ ପତ୍ର ସ୍ଥାନାନ୍ତରଣ କରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ପଞ୍ଚାୟତର ରାଜସ୍ୱ ହ୍ରାସ ହେବା ସହ କେନ୍ଦୁପତ୍ର ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥିତିରେ ପ୍ରସାଶନ ପକ୍ଷରୁ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ପଞ୍ଚାୟତରେ ଖୋଲା ଯାଇଥିବା ଫଡ଼ି ଗୁଡିକୁ ଯାଞ୍ଚ କରିବା ସହ କେନ୍ଦୁପତ୍ର ସ୍ଥାନାନ୍ତରଣ ବେଳେ କଡା ନଜର ରଖିଲେ ଆଦିବାସୀ ପଞ୍ଚାୟତର ରାଜସ୍ୱ ବୃଦ୍ଧି ହେବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି ।

# ପାଣି ପାଇଁ କଳବଳ: ଭୋଟ୍ ବର୍ଜନ ପାଇଁ ଚେତାବନୀ




ରାଉରକେଲା, ୦୩/୫ (ନି.ପ୍ର): ସ୍ମାର୍ଟସିଟି ରାଉରକେଲା। କ୍ରୀଡ଼ା ଭିତ୍ତିଭୂମିଠାରୁ ଆରମ୍ଭକରି ସହରର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ; ସବୁକ୍ଷେତ୍ରକୁ ବିକାଶ ଛୁଇଁଛି। କିନ୍ତୁ ବିଡ଼ମ୍ବନା, ଜନସାଧାରଣଙ୍କୁ ମୌଳିକ ସେବା, ପାନୀୟ ଜଳ ପାଇବାରୁ ବଞ୍ଚିତ। କେଉଁଠି ପାଇପ୍ ଅଛି ପାଣିନାହିଁ, ପୁଣି କେଉଁଠି ପାଇପ୍ ସଂଯୋଗ ବି ହୋଇନି। ବାରମ୍ବାର ଦାବି ହେଉଛି, କିନ୍ତୁ ସମସ୍ୟାରେ ସୁଧାର କରାଯାଉନି। କ୍ରମାଗତ ଅବହେଳା ଯୋଗୁଁ ବିଭିନ୍ନ ଅଞ୍ଚଳବାସୀ ଭୋଟ୍‌ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ଗୋପବନ୍ଧୁପଲ୍ଲୀ, ଟିମ୍ବରକଲୋନି, ମଧୁସୂଦନପଲ୍ଲୀ, ମାଲଗୋଦାମ ଆଦି ଅଞ୍ଚଳର ବିଭିନ୍ନ ବସ୍ତିରେ ପାନୀୟ ଜଳଯୋଗାଣ ଶତପ୍ରତିଶତ ସମ୍ଭବ ହୋଇନି। ଏହି ଅଞ୍ଚଳରେ ଏକାଧିକ ବସ୍ତି ରହିଛି। ତେବେ ବିଭିନ୍ନ ବସ୍ତି, ଯଥା-ଖଟାଲ ବସ୍ତି, ଟାଇଟନ ବସ୍ତି, ନୂଆ ବସ୍ତି, ବୈଷ୍ଣୋଦେବୀ ମନ୍ଦିର ଛକ, ଜଗନ୍ନାଥ କଲୋନି, ତ୍ରିନାଥ ମନ୍ଦିର ପାଖ, ସୋନାର ବସ୍ତି, ଲକ୍ଷ୍ମୀ ପେଣ୍ଡାଲ, ତୁଳସୀ ଚଉରା, ଦୀପ୍ତି ହୋଟେଲ ପଛପଟ ଅଞ୍ଚଳ, ଅମରନାଥ ମନ୍ଦିର ପାଖ ଅଞ୍ଚଳ, ଲୋହାରପଡ଼ା, ତେଲିପଡ଼ା, ଗୋପବନ୍ଧୁପଲ୍ଲୀ ଫାଣ୍ଡି ପାଖ ବସ୍ତି ଆଦିରେ ପ୍ରତିବର୍ଷ ଜଳ ସମସ୍ୟା ଦେଖାଦେଇଥାଏ। ଏଥିମଧ୍ୟରୁ କିଛି ବସ୍ତିକୁ ପାଇପ୍ ମାଧ୍ୟମରେ ପାଣି ଯୋଗାଣ ହେଉଥିବାବେଳେ ଅର୍ଦ୍ଧାଧିକ ବସ୍ତିରେ ପାଇପ୍ ସଂଯୋଗ ହୋଇନି। ତେବେ ପାହାଡ଼ ପାଦଦେଶରେ ଥିବା ବିଭିନ୍ନ ବସ୍ତି, ଯଥା-ତେଲିପଡ଼ା, ଲୋହରାପଡ଼ା, କବରସ୍ତାନ ବସ୍ତି ଆଦିରେ ସ୍ଥିତି ସଙ୍ଗୀନ ହେଲାଣି। ଏ ଅଞ୍ଚଳକୁ ପାଣି ଠିକ୍‌ଭାବେ ପହଞ୍ଚିପାରୁନି। ଏସବୁ ବସ୍ତି ଅଞ୍ଚଳରେ ଦିନକୁ ଥରେ, କେବଳ ୧୦/୧୫ ମିନିଟ ପାଣି ପାଣି ଯୋଗାଣ ହେଉଛି। ଫଳରେ ସ୍ଥାନୀୟବାସିନ୍ଦା ଆବଶ୍ୟକ ମୁତାବକ ପାଣି ପାଇପାରୁନାହାନ୍ତି। ଏମିତିକି ନିୟମିତଭାବେ ପାଣି ଯୋଗାଣ ହେଉନଥିବା ଅଭିଯୋଗ ହେଉଛି। ସାରନଗରୀ ଅଞ୍ଚଳରେ ମଧ୍ୟ ଘରକୁ ଘର ପାଣି ଯୋଗାଣ ଦିବାସ୍ୱପ୍ନ ପାଲଟିଛି। ବିଶେଷକରି ରାଉରକେଲା ଉପକଣ୍ଠ ଜଲଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧ ଓ ୬ ନମ୍ବର ୱାର୍ଡର ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗତ ୮ ବର୍ଷ ହେଲା ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ସମାଧାନ କରାଯାଉନଥିବାରୁ ଅଞ୍ଚଳବାସୀ ଏଥର ଭୋଟ୍‌ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପୁନର୍ବସତି କଲୋନିଭାବେ ଜଲଦା ଏ', ବି' ଓ ସି' ବ୍ଲକ ସ୍ଥାପନ କରାଯାଇଥିଲା। ତେବେ ଗତ ପ୍ରାୟ ୮ ବର୍ଷ ହେଲା ଏହି ଅଞ୍ଚଳର ସାମଗ୍ରିକ ବିକାଶ ପ୍ରତି ଆରଏସ୍‌ପି କର୍ତ୍ତୃପକ୍ଷ ଅବହେଳା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ବିଶେଷକରି ଜଲଦା ଏ' ବ୍ଲକ ବାସିନ୍ଦାଙ୍କୁ ପାଣି ପାଇଁ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପାଣି ଅଭାବ ଯୋଗୁଁ ଅଞ୍ଚଳବାସୀ ଫର୍ଟିଲାଇଜରର ନଳକୂଅ ଉପରେ ନିର୍ଭରଶୀଳ। ଚାଲିଚାଲି ନଳକୂଅାରୁ ପାଣି ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟରେ ଉପଯୋଗ କରୁଛନ୍ତି। ସମସ୍ୟାର ସମାଧାନ କରିବାକୁ ବିଗତ ଦିନରେ ଲାଠିକଟା ବିଡିଓ, ୱାଟ୍‌କୋ ଓ ଆରଏସ୍‌ପି ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଉକ୍ତ ଅଞ୍ଚଳ ସେମାନଙ୍କ ଅନ୍ତର୍ଗତ ହୋଇନଥିବା କହି ଜଳଯୋଗାଣ ବ୍ୟବସ୍ଥା କରିବାକୁ ସିଧାସଳଖ ମନା କରିଦେଇଥିଲେ। ଏବେ ସହରର ତାପମାତ୍ରା ୪୨ ଡିଗ୍ରିରୁ ଖସୁନଥିବାବେଳେ ତାତି ମଧ୍ୟ ଅସହ୍ୟ ହେଲାଣି। ଏଭଳି ସମୟରେ ଜଳଯୋଗାଣ ପାଇଁ ରାଉରକେଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏସ୍‌ଡିଓ ତାପସିଲ ଅଟି ଓ ଆରଏସପିର ସହର ଜଳଯୋଗାଣ ବିଭାଗର ମହାପ୍ରବନ୍ଧକ ମଙ୍ଗଳ ଓରାମଙ୍କୁ ପଚାରିବାରୁ ଏହା ଆମ ଅଧୀନରେ ଆସୁନଥିବାରୁ ଆମେ କୌଣସି ପଦକ୍ଷେପ ନେଇପାରିବୁ ନାହିଁ ବୋଲି କହିଥିଲେ। ଗତ ୩ ମାସ ହେଲା ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉଦିତନଗର ଶୀତଳପଡ଼ାବସ୍ତି ବାସିନ୍ଦା। ଥରେ କି ଦୁଇଥର ନୁହେଁ ଅନେକବାର ସ୍ଥାନୀୟ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗୁହାରି କରିଛନ୍ତି; କିଛି ସୁଫଳ ମିଳିନଥିଲା। ଏଣୁ ଆଜି ଅଞ୍ଚଳବାସୀ ୱାଟ୍‌କୋ ଅଫିସ୍ ଘେରାଉ କରିବାସହ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଭୋଟବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ କରିଥିଲେ, ବସ୍ତିରେ ପ୍ରାୟ ୫ ଶହରୁ ଅଧିକ ପରିବାର ବସବାସ କରୁଛନ୍ତି। ମଙ୍ଗଳମନ୍ଦିର ଅଞ୍ଚଳରେ ପ୍ରାୟ ୧୫୦ରୁ ଅଧିକ ପରିବାର ରୁହନ୍ତି। ଗତ ୩ ମାସ ତଳେ ୨୪ ଘଣ୍ଟିଆ ବିଶୁଦ୍ଧପାନୀୟ ଜଳ ଯୋଗାଣ ପାଇଁ ପ୍ରତ୍ୟେକଙ୍କ ଘରକୁ ପାଇପ୍ ସଂଯୋଗ କରାଯିବାସହ ଷ୍ଟାଣ୍ଡ୍‌ପୋଷ୍ଟ୍ ମଧ୍ୟ ବସାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଟୋପାଏ ପାଣି ଆସୁନି। ଦାୟିତ୍ୱରେ ଥିବା ଅଧିକାରୀ ପାନୀୟ ଜଳ ଆସିବ ବୋଲି କହି ମାସ ପରେ ମାସ ଗଡ଼ାଇ ଚାଲିଛନ୍ତି। ନଳକୂଅ ଅଛି, କିନ୍ତୁ ଲୋକଙ୍କୁ ଠିକ୍ ଭାବେ ପାନୀୟ ଜଳ ମିଳିପାରୁନି। ଏଣୁ ଏଥର ଦାବିପୂରଣ ନ ହେଲେ ଭୋଟ୍‌ବର୍ଜନ କରିବାକୁ ଚେତାବନୀ ଦେଇଥିଲେ।

# ବନ୍ୟ ପକ୍ଷୀ ବାଦୁଡିକୁ ନେଇ କବାଟବନ୍ଧ ଗର୍ବିତ : ଗ୍ରୀଷ୍ମ ପ୍ରବାହ ଓ ଝାଞ୍ଜି ପବନରେ ଛଟପଟ ବାଦୁଡି

ଧର୍ମଶାଳା, ୦୩/୫ (ନି.ପ୍ର): ରାଜ୍ୟ ସାରା ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ । ଝାଞ୍ଜି ପବନ ମାଡରେ ଲୋକେ ଶିଝି ଗଲେଣି । ଘରୁ ବାହାରିବା କଷ୍ଟକର ହୋଇ ପଡିଲାଣି । ଏହି ଗ୍ରୀଷ୍ମ ପ୍ରବାହରେ ଖାଲି ମଣିଷ ନୁହେଁ ପଶୁ,ପକ୍ଷୀ ଏହାର ପ୍ରବାହରେ ଛଟପଟ ହେଉଛନ୍ତି । ସେମାନଙ୍କୁ ସୁରକ୍ଷା ଦେବାକୁ କେହି ନାହିଁ । ଏହି ଅସହ୍ୟ ଝାଞ୍ଜି ମାଡରେ ଅନେକ ବାଦୁଡି ମରିଯିବା ସହିତ ଶହଶହ ବାଦୁଡି ଚେତାଶୂନ୍ୟ ହୋଇ ମରଣ ମୁଖରେ ପଡୁଛନ୍ତି ।ଏଭଳି ଘଟଣା ଦେଖିବାକୁ ମିଳୁଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ କବାଟବନ୍ଧ ବଣିଆସାହି ଅଂଚଳରେ । ଯାଜପୁର ଜିଲା ଧର୍ମଶାଳା ବ୍ଲକ କବାଟବନ୍ଧ ଅଂଚଳ ବେଶ୍ ଚର୍ଚ୍ଚାରେ । । ଧର୍ମଶାଳାଠାରୁ ୨୦ କିମି ଦୂରରେ ଅବସ୍ଥିତ କବାଟବନ୍ଧ । ଏହି ଅଂଚଳରେ କାହିଁ କେଉଁ କାଳରୁ ହଜାର ହଜାର ବାଦୁଡି ଆଶ୍ରୟ ନେଉଛନ୍ତି । ଏତେ ସଂଖ୍ୟକ ବାଦୁଡିକୁ ନେଇ ଏହି ଅଂଚଳ ବେଶ୍ ପରିଚିତ । ଏହି ବାଦୁଡିମାନଙ୍କ ଗତିବଧିରୁ ମହାବିପଦର ଆଗୁଆ ସୂଚନା ସ୍ଥାନୀୟ ଲୋକେ ପାଇ ପାରି ଥାନ୍ତି । ଯାହାକି ଏହି ବାଦୁଡିର ସୁରକ୍ଷା ଗ୍ରାମବାସୀ ନେଇ ଆସୁଛନ୍ତି । ଏବେ ଏହି ଶହଶହ ବାଦୁଡି ଏବେ ମରଣ ମୁହଁରେ । ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଝାଞ୍ଜି ପବନ ମାଡରେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡିବା ସହିତ ଶହଶଡ ବାବୁଡି ଏଣେତେଣେ ମରି ପଡୁଥବବା ଦେଖିବାକୁ ମିଳିଛି । ଏପରି କି ଅନେକ ଆହତ ହୋଇପଡୁଛନ୍ତି । ଏବେ ପ୍ରଜନନ ସମୟରେ ଏଭଳି ଘଟଣା ଆଗକୁ ଏହାର ବଂଶ ବିସ୍ତାର ହୋଇ ପାରିବ ନାହିଁ ବୋଲି ଲୋକେ ଚିନ୍ତାରେ । ଏହାର ସୁରକ୍ଷା ଦେବାର ସମୟ ଆସିଛଇ ବୋଲି ସ୍ଥାନୀୟ ଲେକେ ଦାବି କରିଛନ୍ତି । ରାଜ୍ୟ ସରକାର ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି କିନ୍ତୁ ଏବେ ଗ୍ରୀଷ୍ମ ପ୍ରବାହ ସମୟରେ ପକ୍ଷୀଙ୍କ ସୁରକ୍ଷା କରିବା ଚିନ୍ତା କରିବାର ଆବଶ୍ୟକତା ରହିଛି । ବାଦୁଡି ସୁରକ୍ଷା ମଂଚ ଓ ଯୁବକମାନେ ଏହି ଘଟଣାକୁ ଗୁରୁତର ସହ ନେଇ ବହୁ ବଡବଡ ଗଛ ପରେ ପାଣି ଛିଂଚିବା ବ୍ୟବସ୍ଥା କରିଛନ୍ତି । ହେଲେ ଏତେ ଉପରକୁ ପାଣି ଉଠିବା ଓ ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ଏହି ଯୋଜନା ସଫଳ ହୋଇ ପାରୁ ନ ଥିବାରୁ ଲୋକେ ଦୁଃଖ ପ୍ରକାଶ କରିଛନ୍ତି । ଏଥି ପ୍ରତି ବନ୍ୟ ବିଭାଗ ଓ ଅଗ୍ନିଶମ ବିଭାଗ ଏହି ବାଦୁଡିଙ୍କ ଉପରେ ନଜର ଦେବାକୁ ଦାବି କରିଛନ୍ତି । ନ ହେଲେ ଆଗକୁ ହଜାର ହଜାର ବାଦସୁଡି ମରିଯିବା ଆଶଙ୍କା ରହିଛି ।

# ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ କେନ୍ଦ୍ରାପଡାରେ ଶ୍ରମିକ ସମାବେଶ

କେନ୍ଦ୍ରାପଡ଼ା , ୦୩/୫ (ନି.ପ୍ର): ଆଜି କେନ୍ଦ୍ରାପଡା ଦି-ଡେଷ୍ଟିନେସନ ମଣ୍ଡପଠାରେ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜୁ ଶ୍ରମିକ ସାମୁଖ୍ୟ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ନିର୍ମାଣ ଶ୍ରମିକ, ପରିବହନ କର୍ମଚାରୀ, ବିଦ୍ୟୁତ୍ କର୍ମଚାରୀ ସମେତ ପାଖାପାଖି ୨ହଜାର ଶ୍ରମିକ ସାମିଲ ହୋଇଥିଲେ । ବିଜୁ ଶ୍ରମିକ ସାମୁଖ୍ୟର ମହାସଚିବ ଓ କଟକ ମେୟର ସୁବାସ ସିଂ, ରାଜ୍ୟ ଉପଦେଷ୍ଟା ଓ ବିଦ୍ୟୁତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ଉପସ୍ଥିତ ରହି ନିଜ ବକ୍ତବ୍ୟରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରମିକ କଲ୍ୟାଣ ଯୋଜନାରେ ଓଡିଶା ବ˜ମାନ ସାରା ଦେଶରେ ଏକ ନମ୍ବର । ଦୈନିକ ମଜୁରୀ ଏକାଥରେ ୧୦୦ଟଙ୍କା ବୃଦ୍ଧି ଫଳରେ ଏକକୋଟି ଶ୍ରମିକ ଉପକୃତ ଲାଭ କରିପାରିଥିଲେ । ବିଦ୍ୟୁତ ବ ନ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରୁଥିବା ଶ୍ରମିକ କର୍ମଚାରୀଙ୍କ ପରିବାରର ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଦୁର୍ଘଟଣା ଜନିତ ସହାୟତା, ନିର୍ମାଣ ଶ୍ରମିକ, ଅସଂଗଠିତ ଶ୍ରମିକ ତଥା ସବୁସ୍ତରର ଗାଡି ଚାଳକଙ୍କୁ ସହାୟତା ଦିଆଯିବାର ବ୍ୟବସ୍ଥା ହୋଇପାରିଛି । ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ବ˜ମାନ ବିଜୁ ଜନତା ଦଳର କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଲୋକସଭା ପ୍ରାର୍ଥୀ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବକ୍ତବ୍ୟ ଦେଇ କହିଲେ ଓଡିଶାର ଚାରିକୋଟି ଲୋକ ଚାହୁଁଛନ୍ତି ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବାପାଇଁ । ଓଡିଶାର ସବୁସ୍ତରର ଲୋକଙ୍କୁ ସୁରକ୍ଷା ଦେଇ ବିକାଶର ନୂଆରୂପ ଓଡିଶାକୁ ପ୍ରଦାନ କରିବା ସହ ଶ୍ରମିକମାନଙ୍କ କଲ୍ୟାଣକାରୀ ଯୋଜନାରେ ବିଶେଷ ଭାବେ କେନ୍ଦ୍ରାପଡା ଜିଲ୍ଲାରେ ଯେଉଁ ଶ୍ରମିକମାନେ ପାଣି ପାଇପରେ କାର୍ଯ୍ୟରତ ତାଙ୍କ ଦକ୍ଷତା ବିକାଶରେ ସାମିଲ କରି ଦକ୍ଷତା ବୃଦ୍ଧି କରିବା ସହ ଆବଶ୍ୟକୀୟ ସାର୍ଟିଫିକେଟ ପ୍ରଦାନ କରି ପାରିଶ୍ରମିକ ବୃଦ୍ଧିର ମାର୍ଗକୁ ପ୍ରଶସ୍ତ କରିବା କାର୍ଯ୍ୟ ସହ ଅନ୍ୟ ରାଜ୍ୟରେ ୬ଗୋଟି ଶ୍ରମିକ ସହାୟତା କେନ୍ଦ୍ର କରାଯାଇ ଓଡିଆ ଶ୍ରମିକଙ୍କୁ ସାହାଯ୍ୟ ପ୍ରଦାନ କରାଯିବାର ସମସ୍ତ ପ୍ରୟାସ ଦ୍ରୁତଗତିରେ ଆଗେଇ ଚାଲିଛି । ଏହି ସମାବେଶରେ ବିଶିଷ୍ଟ ଶ୍ରମିକ ନେତା ଆଡଭୋକେଟ ନଳିନୀ ତ୍ରିପାଠୀ, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଧିରେନ କୁମାର ସାହୁ ବକ୍ତବ୍ୟ ଦେଇ କେନ୍ଦ୍ରାପଡା ଜିଲ୍ଲାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବହୁ ବିଧି ଯୋଜନାମାନ କରିଛନ୍ତି । ଉତ୍କଳ କୋଠାବାଡି ଶ୍ରମିକ ସଂଗଠନ ସମ୍ପାଦକ ଶତ୍ରୁଘ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଆଜିର ସଭାର ସମସ୍ତ ସଭ୍ୟେ କାର୍ଯ୍ୟ ବିଶିଷ୍ଟ ଶ୍ରମିକ ନେତା ଭୀମସେନ ପରିଡାଙ୍କ ସଭାପତିତ୍ୱରେ ହୋଇଥିଲା ।

# ସଂଘବଦ୍ଧ ଆକ୍ରମଣ ମାମଲାରେ ୪ ଗିରଫ

ଜୟପୁର, ୦୩/୫ (ନି.ପ୍ର): ଜୟପୁର ଖ୍ରୀଷ୍ଟିଆନପେଟାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି ଟାଉନ ପୋଲିସ । ଗିରଫ ୪ ଅଭିଯୁକ୍ତ ହେଲେ ଖ୍ରୀଷ୍ଟିଆନପେଟାର ଗୁଡୁ ଏଲିୟସ ପ୍ରିନ୍ସ ପ୍ରଭାଦାସ (୩୧) , ଗୀତା ଦାଶ ଏଲିୟସ ଗିତାଞ୍ଜଳି ବେନିୟା (୩୮), ମୋହନ ଦାସ ଏଲିୟସ ମୋହନ ଚନ୍ଦ୍ର ଦାସ (୫୪), ରାଜା ଦାଶ ଏଲିୟସ ମାନସ କୁମାର ଦାସ (୩୮) । ପୋଲିସର ସୂଚନା ଖ୍ରୀଷ୍ଟିଆନପେଟାରେ ରହୁଥିବା ହିମାଂଶୁ ଖରା ର ପରିବାରକୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

# ବାଲେଶ୍ୱର କଂଗ୍ରେସର ସଦର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଶାଳ ନିର୍ବାଚନୀ ସଭା



ବାଲେଶ୍ୱର , ୦୩/୫ (ନି.ପ୍ର): ଗୁରୁବାର ସନ୍ଧ୍ୟାରେ ସଦର ନିର୍ବାଚନ ମଣ୍ଡଳୀ ରୁଷା ଆଙ୍କ ଗ୍ରାମପଞ୍ଚାୟତ ପଦ୍ମ ପୁଖରୀ ଆଡ଼ି ମନ୍ଦିର ପାଖ ପଡ଼ିଆ ଠାରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଅଛି । ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା ଙ୍କ ଆହ୍ୱାନ କ୍ରମେ,ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଙ୍କ ସଭାପତିତ୍ୱରେ ୨୦୦୦ ରୁ ଅଧିକ ଜନସମାବେଶ କୁ ନେଇ ବିଶାଳ ନିର୍ବାଚନୀ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ଜାତୀୟ କଂଗ୍ରେସ ର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା,ଓ ସଦର ବିଧାୟକ ପ୍ରାର୍ଥୀନୀ ମୋନାଲିଶା ସାମଲ,ଙ୍କ ସହ ବାଲେଶ୍ୱର କଂଗ୍ରେସ ର ବହୁ ନେତୃମଣ୍ଡଳୀ ମଞ୍ଚଆସିନ ହୋଇଥିଲେ।ବିଧାୟିକା ପ୍ରାର୍ଥୀନୀ ମୋନାଲିଶା ସାମଲ ତାଙ୍କ ବକ୍ତବ୍ୟରେ ବିଶେଷ ଭାବେ ମହିଳା ଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଅବିଚାର ହେଉଛି ସେ ସମ୍ପର୍କରେ ଯଦି ସେ ବିଧାନ ସଭାକୁ ଯାଆନ୍ତି ବିଧାନ ସଭାରେ ତା ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଥିଲେ । ରାସ୍ତା ଘାଟ, ଶିକ୍ଷା, ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଦରଦାମ ବୃଦ୍ଧି ଉପରେ ମଧ ସେ ଯଦି ବିଧାୟକ ହୁଅନ୍ତି ତାଙ୍କର ଏ କଥାକୁ ବିଧାନ ସଭାରେ ଉଠାଇବା ପ୍ରଥମ କାର୍ଯ୍ୟ ହେବ ବୋଲି ଶ୍ରୀମତୀ ସାମଲ ତାଙ୍କ ବକ୍ତବ୍ୟରେ କହିଥିଲେ। ପର୍ବରୁ ୨୦୦୯ ରୁ ୨୦୧୪ ଯାଏଁ ୟୁପିଏ ସରକାର ସମୟର କେନ୍ଦ୍ରମନ୍ତ୍ରୀ ଥିବା ବେଳେ ଶ୍ରୀକାନ୍ତ ଜେନାଙ୍କ ବାଲେଶ୍ୱର ବିକାଶ କାର୍ଯ୍ୟକୁ ସେ ପ୍ରଶଂସା କରି ଲୋକମାନଙ୍କୁ ଦୁଇଟି ଯାକ ହାତ ଚିହ୍ନ ରେ ଭୋଟ ଦେବାକୁ ହାତ ଯୋଡି ଅନୁରୋଧ କରିଥିଲେ। ସେହିଭଳି ବିଜେଡି ଓ ବିଜେପି କୁ ସମାଲୋଚନା କରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସିପେଟ ଠାରୁ ଆରମ୍ଭ କରି ୬୦ ନଂ ଜାତୀୟ ରାଜପଥର ପୁନରୁଦ୍ଧାର ଯାଏଁ,ନାବାଡ଼ ସହାୟତା ୧୦୦୦ କୋଟି ଟଙ୍କାରୁ ଆରମ୍ଭ କରି ଜନ ଔଷଧି ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଙ୍କ ସମୟରେ ତାଙ୍କର ଭୂମିକା ସମ୍ପର୍କ ରେ ପୁଙ୍ଖାନୁ ପୁଙ୍ଖ ଭାବେ ଲୋକ ମାନଙ୍କୁ ତାଙ୍କ ବକ୍ତବ୍ୟରେ କହିଥିଲେ।ଆହୁରି କହିଥିଲେ ବିଜେଡି ଓ ବିଜେପି ର ନେତା ମାନଙ୍କୁ ମୁଁ ଆହ୍ୱାନ କରୁଛି ଆସନ୍ତୁ ସେମାନେ ଖୋଲା ବିତର୍କକୁ, ଏବଂ ଜବାବ ରଖନ୍ତୁ,ସେମାନେ କଣ କରିଛନ୍ତି,ମୁଁ କହିବି ଆମେ କଣ କରିଛୁ।ଆପଣ ମାନେ ବିଚାର କରିବେ।ତେଣୁ ଏ ୨୦୨୪ ନିର୍ବାଚନ ରେ ମୁଁ କାହାରି ସହିତ ଲଢୁ ନାହିଁ ,ଆପଣ ମାନେ ଆପଣ ମାନଂକ ପାଇଁ ଲଢୁଛନ୍ତି।କେବଳ ଆପଣ ମାନେ ଯଦି ଜିତିବେ,ବିଧାୟିକା ପ୍ରାର୍ଥୀନୀ ଙ୍କୁ ଗୋଟେ କଲମ ଓ ମୋତେ ଗୋଟେ କଲମ ଆପଣ ମାନେ ଦେବେ ଆଉ ସେହି କଲମ ସାହାଯ୍ୟରେ ଆମେ ବାଲେଶ୍ୱର ର ବିକାଶ କୁ ଆଗେଇ ନେବୁ।ତେଣୁ ଆସନ୍ତା ୨୦୨୪ ନିର୍ବାଚନରେ ଆପଣ ମାନେ ଦୁଇଟି ଯାକ ଭୋଟ ହାତ ଚିହ୍ନରେ ଦେବାକୁ ଅନୁରୋଧ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ,ପଦ୍ମଲୋଚନ ଲେଙ୍କ, ଜ୍ୟୋତ୍ସ୍ନା ସେନାପତି, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ,ସୁଧାଂଶୁ ଜେନା,ଅକ୍ଷୟ ମଲ୍ଲିକ,ନିସିତ ବାରିକ, ସତ୍ୟନାରାୟଣ ଗୁପ୍ତା, ମନରଞ୍ଜନ ନାୟକ,ଉର୍ମିଳା ମାଝୀ, ସରୋଜ ଲେଙ୍କା ଆଙ୍କ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ବେହେରା,ଶିବପ୍ରସାଦ ମୋହାନ୍ତି,ଆଙ୍କ ପଞ୍ଚାୟତ ସଭାପତି ଲମ୍ବୋଧର ଜେନା,ମଧୁସୁଧନ ମଲ୍ଲିକ,ଜଳଧର ବେହେରା,ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ସଚେତନତା ପାଇଁ ଜିଲ୍ଲା ପ୍ରଶାସନର ଅଭିନବ ପଦକ୍ଷେପ

ଜୟପୁର, ୦୩/୫ (ନି.ପ୍ର): ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ସୃଜନଶୀଳତାକୁ ପ୍ରୟୋଗ କରି ନୂତନ ଧାରା ସୃଷ୍ଟି କରିହୁଏ । ଏହିପରି ଏକ ନିଆରା ପଦକ୍ଷେପରେ କୋରପୁଟ ଜିଲ୍ଲା ପ୍ରଶାସନ ଉନ୍ନତ ମାନର ଶ୍ରେଣିଗୃହରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ସରସ ସୁନ୍ଦର ଓ ପ୍ରଭାବଶାଳୀ କରିବା ପାଇଁ ବ୍ୟବହାର କରାଯାଉଥିବା ଭର୍ଚୁଆଲ ରିଅଲିଟି ( ଭି ଆର) ହେଡସେଟ କୁ ଯୁବ ଭୋଟରଙ୍କ ମଧ୍ୟରେ ଭୋଟଦାନ କେନ୍ଦ୍ରରେ ପ୍ରୟୋଗ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଚେତନ କରାଇ ଭୋଟଦାନ କରିବା ନିମନ୍ତେ ବ୍ୟବହାର କରାଯିବା ଭଳି ନିଆରା କାର୍ଯ୍ୟ ହାତକୁ ନିଆଯାଇଥିବା ଆଜି ଜିଲ୍ଲାପାଳ ଭି . କୀର୍ତି ଭାସନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳଙ୍କ ବୈଷୟିକ ପ୍ରେରଣାକୁ ଆଧାର କରି ଜିଲ୍ଲା ପ୍ରଶାସନର ଯୁବ କର୍ମଚାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏହି ହେଡସେଟ ରେ ଏକ ମତଦାନ କେନ୍ଦ୍ରରେ ମତଦାତା ପ୍ରବେଶ କରିବା ପରେ କେଉଁ ସ୍ଥାନରେ କାହାକୁ ପ୍ରଥମେ ସାକ୍ଷାତ କରିବେ, ଆଙ୍ଗୁଠିରେ ମତଦାନ କାଳି ଲଗାଇବେ ଭଳି କାର୍ଯ୍ୟ ଠାରୁ ଆରମ୍ଭ କରି ମତଦାନ କୋଠରୀରେ ଇଭିଏମ କୁ କିପରି ବ୍ୟବହାର କରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ ପ୍ରାମାଣିକ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି । ଏହାକୁ ପରିଧାନ କରି ଯେ କୌଣସି ଭୋଟର ମତଦାନ କେନ୍ଦ୍ରର ବିସ୍ତୃତ ଆୟୋଜନ ସମ୍ପର୍କରେ ଜାଣିବାରେ ସକ୍ଷମ ହେବାର ଆଶା ଥିବା ବେଳେ ଏହା ବିଶେଷ କରି ପ୍ରଥମ ଥର ପାଇଁ ଭୋଟଦାନ କରୁଥିବା ଯୁବପିଢିଙ୍କ ପାଇଁ ବେଶ ଉପଯୋଗୀ ହୋଇପାରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ଜିଲ୍ଲାରେ ବିଭିନ୍ନ ଅଂଚଳରେ ବର୍ତମାନ ଚାଲିଥିବା ଭୋଟର ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ମିତ ସାତଟି ଭି ଆର ହେଡସେଟ ନୂତନ ମତଦାତାଙ୍କ ମଧ୍ୟରେ ଅଧିକ ଆଗ୍ରହ ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ମତ ରଖିଛନ୍ତି ।


## AFFIDAVIT

An affidavit before the executive Magistrate Basudevpur, I, Sri Sudarshan Malik, aged about 45 years, S/o-Gayadhar Malik, residing Village- P.o.-P.s-Basudevpur, Dist- Bhadrak in the state of Odisha Declare that My actual name is SUDARSHAN MALIK accordng to my Aadhar card, No- 779999870344 and my Bank pass book, bearing A/c No- 40246457899 but my name has been mentioned as BATA KRUSHNA MALIK in my LIC policy bond, bearing policy No-589908369. So SUDARSHAN MALIK and BATA KRUSHNA MALIK is same and one person. Henceforth I will be known as SUDARSHAN MALIK in all purpose.

SUDARSHAN MALIK


# ଅନୁଗୋଳ ଓ ଢେଙ୍କାନାଳରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ଢେଙ୍କାନାଳ, ୦୩/୫ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଢେଙ୍କାନାଳ ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଏବଂ ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ପୃଥକ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ଜନସାଧାରଣଙ୍କୁ ପଦ୍ମଫୁଲରେ ଭୋଟ ଦେବାକୁ ନିବେଦନ କରିଛନ୍ତି ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟକୁ ଦୋହରାଇ ଶ୍ରୀ ପ୍ରଧାନ କହିଛନ୍ତି, ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା କାହିଁକି ବିକାଶର ସବୁ ପରିଭାଷାରେ ପଛରେ ରହିଛି । ଗାଁରେ ପିଇବା ପାଣି ନାହିଁ । ଜମିରେ ଜଳସେଚନ ନାହିଁ । ସ୍କୁଲରେ ଶିକ୍ଷକ ନ ଥିବାରୁ ସ୍କୁଲ ବନ୍ଦ ହୋଇଯାଉଛି । ପିଲାମାନେ ସ୍କୁଲ ଛାଡ଼ି ଚାଲିଯାଉଛନ୍ତି । ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ରୋଜଗାର ପାଇଁ ଯୁବକ ଘର ଛାଡ଼ି ଦାଦନ ଯାଉଛନ୍ତି । ୨୪ ବର୍ଷ ଶାସନରେ ରହିବା ପରେ ବି କାହିଁକି ଏହି ଅବସ୍ଥା ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ । ଓଡ଼ିଶାକୁ ଦଳେ ଲୋକ ଲୁଟିବାର ଷଡ଼ଯନ୍ତ୍ର କରୁଛନ୍ତି । ଓଡ଼ିଶା ବିରୋଧୀ ମନୋଭାବ ରଖିଛନ୍ତି । ଜଣେ ବାହାରିଆ ଲୋକ ପଛ ଦରଜାରେ ପଶି ଆସି ନିଜକୁ ଓଡ଼ିଶାର ଉତ୍ତରାଧିକାରୀ କହୁଛି । ଏହାର ଜବାବ ଓଡ଼ିଶାବାସୀ ନିଶ୍ଚିତ ଦେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।
ଚଳିତ ନିର୍ବାଚନରେ ବିଶେଷ ଲକ୍ଷଣ ଦେଖାଯାଉଛି । ବିପକ୍ଷ ଦଳ ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟ, ଲୋକବିରୋଧୀ ଶକ୍ତିଙ୍କୁ ପ୍ରାର୍ଥୀ କରିଛି । ଏଥର ଲୋକବଳ ଓ ଧନବଳ ମଧ୍ୟରେ ଲଢେଇ ହେଉଛି । ନିଶ୍ଚିତ ଭାବେ ଲୋକବଳର ବିଜୟ ହେବ । ବିଗତ ୨୪ ବର୍ଷରେ ଗୋଟିଏ ସରକାର ରହି ଲୋକଙ୍କୁ ସାମାନ୍ୟତମ ମୌଳିକ ସୁବିଧା ଉପଲବ୍ଧ କରାଇ ପାରିନାହିଁ । ଏଥର ପରିବର୍ତ୍ତନ ନିଶ୍ଚିତ । ଓଡ଼ିଶାର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଅଛନ୍ତି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ସ୍ଥାନୀୟ ଯୁବକମାନଙ୍କ ଆକାଂକ୍ଷା, ମା' ମାନଙ୍କ ସଶକ୍ତିକରଣ, ଗୁରୁଜନଙ୍କ ସେବା ସହ ରୋଜଗାର ଓ ଅର୍ଥନୀତି ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା ଢେଙ୍କାନାଳ ପର୍ଯ୍ୟନ୍ତ ଆଣିବା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।
ଶ୍ରୀ ପ୍ରଧାନ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବା ପୂର୍ବରୁ ଢେଙ୍କାନାଳରେ ଶ୍ରୀ ଶ୍ରୀ ସିଦ୍ଧ ବଳରାମଜୀଉ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଅନୁଗୋଳ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିବାସହ ପୂଜାର୍ଚ୍ଚନା କରିଥିଲେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ନୋଟିସ୍ ନଂ: ST-OT-GPS-Railnet- HLZ, ତାରିଖ: ୦୩.୦୫.୨୦୨୪** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ Sr. DSTE (Co) / ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର-୭୨୧୩୦୧ **୧୧.୦୦ ଘଣ୍ଟା** ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଥାଏ । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ **୧୧.୩୦ ଘଣ୍ଟାରେ** ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** କଏଚ ଡିଭିଜନ୍ ଉପରେ ଷ୍ଟେସନ ପ୍ଲାଟଫର୍ମରେ ଜିପିଏସ୍ ଘଣ୍ଟାର ଯୋଗାଣ ଏବଂ ପ୍ରତିସ୍ଥାପନ ସହିତ କାର୍ଯ୍ୟର S&T ଅଂଶ । (ii) ହାଲଡିଆରେ ଅସୁସ୍ଥ ଲାଇନର ନବୀକରଣ ଏବଂ ଉରଗଟ କାରଖାନା ହାଲଡିଆରେ ROH ଧ୍ୟାନ ପାଇଁ ଆବଶ୍ୟକ ସୁବିଧା । **ଟେଣ୍ଡର ମୂଲ୍ୟ:** ୬୫,୩୮,୪୫୦.୮୬ ଇଏମଡି: ୧,୩୦,୮୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୨୭.୦୫.୨୦୨୪ **ସମାପ୍ତି ସମୟ:** ୦୬ ମାସ । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୭.୦୫.୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

(PR-110)


# ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୦୩/୫ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାରେ ଆରମ୍ଭ ହୋଇଯାଇଛି କାଉଂଟ୍‌ଡାଉନ୍। ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଓ ପ୍ରଲୋଭନମୁକ୍ତ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଆଜି ଏକ ମିଳିତ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଓ କ୍ଷମାସାଗର ପଣ୍ଡା, ଡିଆଇବି ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, ସମସ୍ତ ଆସିଷ୍ଟାଂଟ୍ ରିଟର୍ଣ୍ଣିଂ ଅଫିସର, ସମସ୍ତ ବିଡିଓ, ତହସିଲଦାର, ଡେପୁଟି କଲେକ୍ଟର, ଆସିଷ୍ଟାଂଟ୍ କଲେକ୍ଟର, ସମସ୍ତ ଥାନାର ଆଇଆଇସି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ମେ' ୭ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହେଉଥିବାବେଳେ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ୍ ନ୍ୟାୟରେ ପ୍ରଥମେ ରାଲି ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ନାମାଙ୍କନ ଦାଖଲ ସମୟରେ ଭିଡ଼କୁ ଏଡ଼ାଇବା ପାଇଁ ଟ୍ରାଫିକ୍ ମ୍ୟାନେଜମେଂଟକୁ ଗୁରୁତ୍ୱାରୋପ କରାଯାଇଛି। ରିଟର୍ଣ୍ଣିଂ ଅଫିସରଙ୍କ କକ୍ଷକୁ ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୫ଜଣ ଯାଇପାରିବେ। ୧୦୦ ମିଟର ପରିସର ମଧ୍ୟକୁ ୩ଟି ଗାଡ଼ି ଆସିପାରିବ। ନିର୍ବାଚନ ସମୟରେ ଦ୍ରବ୍ୟ, ଟଙ୍କା ଓ ମଦ ବଂଟନକୁ ରୋକିବା ପାଇଁ ନିୟମିତ ଯାଂଚ୍ ସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭଲ୍‌ନରେବୁଲ୍ ବୁଥ୍‌ମାନଙ୍କୁ ବାରମ୍ବାର ଭିଜିଟ୍ କରି ସମସ୍ୟା ସମାଧାନ ଓ ଲୋକଙ୍କ ବିଶ୍ୱାସ ଜିତିବାକୁ କୁହାଯାଇଛି। ତା ସହ ସମସ୍ତ ଭଲ୍‌ନେରେବୁଲ୍ ବୁଥ୍‌ରେ କଡ଼ା ସୁରକ୍ଷା ସହ ୱେବ୍‌କାଷ୍ଟିଙ୍ଗ୍ କରାଯିବ। ଗଣମାଧ୍ୟମରେ ଫେକ୍ ନ୍ୟୁଜ୍ ଅଥବା ସୋସିଆଲ ମିଡିଆରେ ମିଛ ଗୁଜବକୁ ରୋକିବା ପାଇଁ ୨୪ଘଂଟା ଆଲର୍ଟ ରହିବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରକାର କମ୍ୟୁନିକେସନ ଗ୍ୟାପ୍‌କୁ ଏଡ଼ାଇବା ପାଇଁ ପ୍ରତ୍ୟେକ ଦିନ ସ୍ଥାନୀୟ ଆଇଆଇସି, ବିଡିଓ, ତହସିଲଦାର, ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍ ଆଦି ଏକତ୍ରିତ ହୋଇ ପ୍ଲାନ୍ ବନାଇବାକୁ ପରାମର୍ଶ ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ମହିଳା ଅଥବା ପୁରୁଷ କର୍ମଚାରୀଙ୍କ ପୂର୍ଣ୍ଣ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଇଭିଏମ୍ ଟ୍ରାକିଙ୍ଗ୍ ମ୍ୟାନେଜ୍‌ମେଂଟ୍ ସିଷ୍ଟମ୍ ଦ୍ୱାରା ସମସ୍ତ ଇଭିଏମ୍‌କୁ ଟ୍ରାକ୍ କରାଯିବ। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେଳେ ଜୁନ୍ ୧ ତାରିଖରେ ଶତ ପ୍ରତିଶତ ଭୋଟ୍‌ଦାନ କରିବାକୁ ନିବେଦନ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନିର୍ବାଚନ କମିଶନଙ୍କ ଛାଟ...

ବିଭାଗ ସହ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ସଚିବ ଭାବେ କାର୍ଯ୍ୟ କରୁଥିଲେ । ରାଜ୍ୟ ସରକାର ଆଜି ତାଙ୍କୁ ଉଭୟ ଦାୟିତ୍ୱରୁ ଅବ୍ୟାହତି ଦେଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରିଛନ୍ତି । ସୁଜାତାଙ୍କ ପାଖରେ ଥିବା ଦୁଇ ବିଭାଗର ଦାୟିତ୍ୱ ଶାଳିନୀ ପଣ୍ଡିତଙ୍କୁ ଦିଆଯାଇଛି । ଏହି ନିର୍ଦ୍ଦେଶନାମା ଜାରି ହେବା ସହ ନିର୍ବାଚନ କମିଶନଙ୍କୁ ମଧ ଅବଗତ କରାଯାଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଭୋଟରଙ୍କୁ ସଚେତନ କରାଇବା ପାଇଁ ଜାତୀୟ ନିର୍ବାଚନ କମିଶନ ଏସଭିଇଇପି(ସିଷ୍ଟମେଟିକ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକ୍ଟୋରାଲ ପ୍ରାଟିସପେସନ) ଭଳି ଫ୍ଲାଗସିପ୍ କାର୍ଯ୍ୟକ୍ରମର ଦୁରୂପଯୋଗ କରି ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ଏସଏଚଜି ମହିଳାମାନଙ୍କୁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାକୁ ଧମକଚମକ ଦିଆଯାଉଥିବା ନେଇ ବିଜେପି ଗତକାଲି ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା । ସୁଜାତାଙ୍କୁ ସାଧାରଣ ନିର୍ବାଚନ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସହ ଜଡ଼ିତ ଥିବା ଦାୟିତ୍ୱ ନରଖିବାକୁ ଦାବି କରିଥିଲା । ନିର୍ବାଚନ କମିଶନ ତତ୍କାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସୁଜାତାଙ୍କୁ ବଦଳି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁଜାତାଙ୍କ ଉପରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ ଶାସକ ବିଜେଡି ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି ।

### କାରରୁ ମିଳିଲା ୨୦...

ଅଭିମୁଖେ ଏହି ଭ୍ୟାନ୍‌ଟି ଆସୁଥିବା ବେଳେ ନୂଆପଡ଼ା ପୁଲିସ ଏହାକୁ ଯାଞ୍ଚ କରି ଥିଲା। ପୁଲିସ୍ ଗାଡ଼ିରୁ ମିଳିଥିବା ୪ ଲକ୍ଷ ୮୯ ହଜାର ଟଙ୍କା ଜବତ କରିଥିବା ବେଳେ ୨ ଜଣଙ୍କୁ ଅଟକ ରଖିଛି। ଅଟକ ବ୍ୟକ୍ତି ଦ୍ୱୟ ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍‌ର ବୋଲି ଜଣାପଡ଼ିଛି।

### ଆଜି ଆସିବେ....

କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗ ହେବ। ପରେ ଭୁବନେଶ୍ୱରରେ ପହଞ୍ଚି ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ସେହିଭଳି ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ୨୮ ତାରିଖରେ ଜେପି ନଡ୍ଡା ଓଡ଼ିଶା ଆସିଥିଲେ। ବ୍ରହ୍ମପୁରର ଆମ୍ବପୁଆରେ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଏଥର ନଡ୍ଡା ଦଳୀୟ କର୍ମୀ କ'ଣ ଗୁରୁମନ୍ତ୍ର ଦେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିଛି।

### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ନାଁରେ..

ଯକିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିର୍ବାଚନୀ ଫାଇଦା ହାସଲ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ମୁଁ ଏହାକୁ ଡରିନି। ସତ ଦିନେ ନା ଦିନେ ସାମନାକୁ ଆସିବ । ଏପରି ଅପବାଦ ପଶ୍ଚିମବଙ୍ଗରେ ହେଉଥିବା ହିଂସା ଓ ଭ୍ରଷ୍ଟାଚାର ବିରୋଧରେ ମୋ' ଲଢ଼େଇକୁ ରୋକି ପାରିବନି ବୋଲି ଦୃଢତାର ସହ କହିଛନ୍ତି ରାଜ୍ୟପାଳ ବୋଷା। ଏନେଇ ପ୍ରତିକ୍ରିୟା ରଖି ପଶ୍ଚିମବଙ୍ଗ ବିଧାନସଭାର ବିପକ୍ଷ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଏହି ଆରୋପ ସତ ନା ଏହା ଏକ ଷଡଯନ୍ତ୍ର ତାହାର ତଦନ୍ତ ହେବା ଆବଶ୍ୟକ ।

### ସସ୍‌ପେନ୍ସ ଉପରୁ ହଟିଲା...

ହୋଇଛି। ଉଭୟ ରାୟବରେଲୀ ଓ ଆମେଠି ପାଇଁ ପୂର୍ବରୁ କଂଗ୍ରେସ ତାଲିକାରେ ରାହୁଲ ଗାନ୍ଧି ଓ କିଶୋରି ଲାଲ ଶର୍ମାଙ୍କ ନାମ ନ ଥିଲା। ମାତ୍ର ନାମାଙ୍କନ ଦାଖଲର ଠିକ୍ ପୂର୍ବରୁ କଂଗ୍ରେସ ନିଜ କାର୍ଡ ଖେଳିଛି। ପୂର୍ବରୁ ଆମେଠିରୁ ନିର୍ବାଚନ ଲଢୁଥିବା ରାହୁଲ ଗାନ୍ଧିଙ୍କ ସିଟ୍ ଏଥର ଦଳ ବଦଳାଇ ଦେଇଛି। ୨୦୦୪ରୁ ୨୦୧୯ ଯାଏ ରାହୁଲ ଗାନ୍ଧି ଆମେଠି ଆସନରୁ ଜିତି ଆସୁଥିଲେ। ୨୦୧୪ରେ ତାଙ୍କର ଲଢ଼େଇ ପ୍ରଥମଥର ପାଇଁ ବିଜେପିର ସ୍ମୃତି ଇରାନୀଙ୍କ ସହ ହୋଇଥିଲା। କିନ୍ତୁ ରାହୁଲ ବାଜି ମାରି ନେଇଥିଲେ। ୨୦୧୯ରେ ସ୍ମୃତି ଇରାନୀ ବେଶ ଚମତ୍କାର ଢଙ୍ଗରେ ରାହୁଲ ଗାନ୍ଧିଙ୍କୁ ହରାଇ ଦେଇଥିଲେ। ୨୦୧୯ରେ ରାହୁଲ ଆମେଠି ସହ କେରଳର ୱାୟନାଡରୁ ମଧ ପ୍ରାର୍ଥୀ ହୋଇଥିଲେ। ଆମେଠିରୁ ହାରିଥିଲେ ମଧ ୱାୟନାଡରୁ ଜିତି ସେ ଲୋକସଭାକୁ ଯାଇଥିଲେ। ଏଥର ବି ବିଜେପି ସ୍ମୃତି ଇରାନୀଙ୍କୁ ଆମେଥିରୁ ନିଜ ପ୍ରାର୍ଥୀ ଭାବେ ମଇଦାନରେ ଛିଡ଼ା କରାଇଛି। ଅପରପକ୍ଷେ ରାୟବରେଲିରେ ବିଜେପି ଦିନେଶ ପ୍ରତାପ ସିଂଙ୍କୁ ଟିକେଟ ଦେଇଛି। ୨୦୧୯ ମସିହା ନିର୍ବାଚନରେ ରାୟବରେଲିରୁ କଂଗ୍ରେସ ନେତା ସୋନିଆ ଗାନ୍ଧି ଜିତିଥିଲେ। ଏଥର ଏହି ଆସନରୁ ତାଙ୍କ ପୁଅ ରାହୁଲ ଗାନ୍ଧି ଛିଡ଼ା ହେଉଛନ୍ତି। ଏଥର ଆମେଠିରେ କଂଗ୍ରେସ ପ୍ରଥମ ଥର ପାଇଁ କିଶୋରି ଲାଲ ଶର୍ମାଙ୍କୁ ଛିଡ଼ା କରାଇଛି। କିଶୋରୀ ଲାଲ ସୋନିଆ ଗାନ୍ଧିଙ୍କ ଖାସ୍ ଅନୁଗତ । ସେ ରାୟବରେଲିରେ ସୋନିଆ ଗାନ୍ଧିଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଆମେଠି ଓ ରାୟବରେଲି ସବୁବେଳେ ଗାନ୍ଧି ପରିବାର ନିକଟରେ ରହି ଆସୁଥିବା ବେଳେ ଏଥର କିନ୍ତୁ କଂଗ୍ରେସ ଏହି ଆସନରୁ ଜଣେ ଅଣ ଗାନ୍ଧି ପରିବାର ସଦସ୍ୟଙ୍କୁ ଛିଡ଼ା କରାଇଛି। ଏଥର ମଧ ରାହୁଲ ଗାନ୍ଧି ୱାୟନାଡରୁ ପ୍ରାର୍ଥୀ ହୋଇଛନ୍ତି। ସେଠାରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟିଂ ହୋଇଥିଲା। ଏବେ ସେ ରାୟବରେଲୀରେ ବି ନିଜ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଆମେଠି ଓ ରାଏବରେଲୀରେ ଆସନ୍ତା ୨୦ ତାରିଖରେ ଭୋଟିଂ ହେବ। ଦେଶର ୫ମ ପର୍ଯ୍ୟାୟ ଭୋଟିଂରେ ଲୋକମାନେ ଏଠାରେ ମତାଧିକାର ସାବ୍ୟସ୍ତ କରିବେ।

### କଲବଲ ହେଲା ପଶ୍ଚିମ...

୪୨.୨ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୧ ଡିଗ୍ରୀ, ସୋନପୁରରେ ୪୨.୧ ଡିଗ୍ରୀ, ଭୁବନେଶ୍ୱରରେ ୪୧.୬ ଡିଗ୍ରୀ, ଫୁଲବାଣୀରେ ୪୧.୫ ଡିଗ୍ରୀ, ଢେଙ୍କାନାଳରେ ୪୧.୫ ଡିଗ୍ରୀ, ନୟାଗଡ଼ରେ ୪୧.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୫ ଡିଗ୍ରୀ, ଜଗତସିଂହପୁରରେ ତାପମାତ୍ରା ୪୧.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଯାଜପୁରରେ ୪୧.୨ ଡିଗ୍ରୀ, ରାୟଗଡ଼ାରେ ୪୧.୨ ଡିଗ୍ରୀ, ରାଉରକେଲାରେ ୪୦.୬ ଡିଗ୍ରୀ, କଟକରେ ୪୦.୫ ଡିଗ୍ରୀ, କେନ୍ଦୁଝରରେ ୪୦.୪ ଡିଗ୍ରୀ, ନବରଙ୍ଗପୁରରେ ୪୦.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୦ ଡିଗ୍ରୀ, ବାଲେଶ୍ୱରରେ ୩୯.୮ ଡିଗ୍ରୀ, ବରଗଡ଼ରେ ୩୯.୮ ଡିଗ୍ରୀ, ଖୋର୍ଦ୍ଧାରେ ୩୯.୫ ଡିଗ୍ରୀ, ଦେବଗଡ଼ରେ ୩୯.୫ ଡିଗ୍ରୀ, କୋରାପୁଟରେ ୩୯.୫ ଡିଗ୍ରୀ,ଭଦ୍ରକରେ ୩୯ ଡିଗ୍ରୀ, ଛତ୍ରପୁରରେ ୩୯ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୮.୫ ଡିଗ୍ରୀ, ଚାନ୍ଦବାଲିରେ ୩୯ ଡିଗ୍ରୀ, ଗୋପାଳପୁରରେ ୩୫ ଡିଗ୍ରୀ, ପାରାଦୀପରେ ୩୪.୬ ଡିଗ୍ରୀ ଓ ପୁରୀରେ ତାପମାତ୍ରା ୩୪.୩ ଡିଗ୍ରୀ ରେକର୍ଡ କରାଯାଇଛି।

### ନୀଳଗିରି ବିଜେପି ଟିକେଟ ...

ଉପସ୍ଥିତିରେ ସନ୍ତୋଷ ବିଜେପିରେ ସାମିଲ ହୋଇଥିଲେ। ଶ୍ରୀଯୁକ୍ତ ଖଟୁଆ ୨୦୧୪ମସିହାରେ ପ୍ରତାପ ଷଡଙ୍ଗୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେବା ପରେ ନୀଳଗିରିରେ ବିଜେପି ସଂଗଠନ ସୁଦୃଢ ହୋଇଥିଲା। ତାଙ୍କ ଗୋଟିଚାଳନାରେ ଅଧିକାଂଶ ପଞ୍ଚାୟତ ଏପରିକି ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ପଦ ମଧ ଦଖଲ କରିଥିଲା। ମାତ୍ର ୨୦୧୯ ନିର୍ବାଚନରେ ବିଜେପି ଛାଡି ବିଜେଡିରେ ଯୋଗଦେଇ ନୀଳଗିରି ବିଧାନସଭା ଆସନ ପାଇଁ ନିର୍ବାଚନ ଲଢ଼ି ମାତ୍ର ୧୫୭୭ଖଣ୍ଡ ଭୋଟରେ ବିଜେପି ପ୍ରାର୍ଥୀ ସୁକାନ୍ତ ନାୟକଙ୍କ ଠାରୁ ପରାଜିତ ହୋଇଥିଲେ। ସେବେଠାରୁ ବିଜେଡିକୁ ତୃଣମୂଳ ସ୍ତରରୁ ସଂଗଠନ କରି ଏକ ବିରାଟ ବିଜୁ ପରିବାର ସୃଷ୍ଟି କରିଥିଲେ। ତାଙ୍କ ନେତୃତ୍ୱରେ ନୀଳଗିରି, ଔପଦା ଓ ବାହାନଗା ବ୍ଲକର ଅଧିକାଂଶ ପଞ୍ଚାୟତ ଦଖଲ କରିବା ସମେତ ୫ଟି ଜିଲ୍ଲାପରିଷଦ, ୩ଟି ବ୍ଲକ ଅଧ୍ୟକ୍ଷ, ନୀଳଗିରି ଏନଏସି, ବହୁ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ସମବାୟ ସମିତିର ସଭାପତି ପଦ ଅକ୍ତିଆର କରିବାରେ ସଫଳ ହୋଇଥିଲେ। ଦଳ ତାଙ୍କୁ ଅଣଦେଖା କରି ଜଣେ ଦଳଡ଼ିଆଁଙ୍କୁ ଟିକେଟ ଦେଇ ତାଙ୍କ ପ୍ରତି ବେଇମାନ କରିଥିବା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଏବଂ ବହୁ ଜନକଲ୍ୟାଣ ଯୋଜନାକୁ ନୀଳଗିରିର ପ୍ରତି ପରିବାର ପାଖରେ ପହଞ୍ଚାଇବା ତାଙ୍କର ପ୍ରାଥମିକତା ହେବ ବୋଲି ସନ୍ତୋଷ ଖଟୁଆ କହିବା ସହିତ ନୀଳଗିରି ମାଟିରେ ଆଗାମୀ ସାଧାରଣ ନିର୍ବାଚନରେ ପଦ୍ମ ଫୁଟିବ ବୋଲି ଦୃଢୋକ୍ତି କରିଛନ୍ତି।

# ମାଲକାନଗିରିର ୩ଟି କେନ୍ଦ୍ରରେ ନିଟ ପରୀକ୍ଷା ଦେବେ ୩୮୪ ଜଣ ପରୀକ୍ଷାର୍ଥୀ

ମାଲକାନଗିରି, ୦୩/୫ (ନି.ପ୍ର): ଆସନ୍ତା ୫ ତାରିଖରେ ଦେଶର ବିଭିନ୍ନ ସ୍ଥାନରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ନିଟ) ଅନୁଷ୍ଠିତ ହେବାକୁ ଯାଉଛି। ମାଲକାନଗିରିର ୩ଟି ଶିକ୍ଷାନୁଷ୍ଠାନ ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ଡ଼ିଗ୍ରୀ କଲେଜ ଏବଂ ମାଲକାନଗିରି ମହାବିଦ୍ୟାଳୟରେ (ନିଟ) ପରୀକ୍ଷା ଅନୁଷ୍ଠିତ ହେବ। ଏହି ୩ଟି କେନ୍ଦ୍ରରେ ୩୮୪ ଜଣ ପ୍ରବେଶିକା ପରୀକ୍ଷା ଦେବେ। କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡଃ. କୈଳାଶ ମୀନା ଏହି ତିନୋଟି କେନ୍ଦ୍ର ଗୁଡିକ ପାଇଁ ସିଟି ସଂଯୋଜକ ନିୟୋଜିତ ହୋଇଛନ୍ତି। ପରୀକ୍ଷା କେନ୍ଦ୍ର ମାନଙ୍କରେ କିପରି ସୁଚାରୁ ରୂପେ ପରୀକ୍ଷା ପରିଚାଳନା ହେବ ତାହା ଶ୍ରୀ ମୀନା ସୁନିଶ୍ଚିତ କରିଛନ୍ତି। ପରୀକ୍ଷାର୍ଥୀ ମାନେ କେନ୍ଦ୍ର ରେ ପୂର୍ବାହ୍ନ ୧୧ ଟାରେ ବାୟୋମେଟ୍ରିକ ପ୍ରବେଶ ପାଇଁ ଉପସ୍ଥିତ ହେବେ ଏବଂ ପରୀକ୍ଷା ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା୨୦ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ୧୪୪ ଜଣ, ମଡେଲ ଡିଗ୍ରୀ କଲେଜରେ ୧୨୦ ଜଣ ଓ ମାଲକାନଗିରି ମହାବିଦ୍ୟାଳୟରେ ୧୨୦ ଜଣ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ର ସଂଯୋଜକ ତଥା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡଃ. କୈଳାଶ ମୀନା ଏହି ସୂଚନା ଦେଇଛନ୍ତି।

ଶନିବାର, ମଇ ୦୪, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସ୍କେଟିଂ କ୍ରୀଡ଼ା ଜରିଆରେ ମତଦାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୩/୫ (ନି.ପ୍ର): ମତଦାନ, ଗଣତନ୍ତ୍ରର ସ୍ପନ୍ଦନ। ନିର୍ବାଚନ ପର୍ବ, ଆମ ଦେଶର ଗର୍ବ। ଆସନ୍ତା ଜୁନ୍ ଏକ, ଭଦ୍ରକ ଜିଲ୍ଲା ପାଇଁ ମତଦାନ ତାରିଖ। ସମସ୍ତ ଭୋଟର ସଚେତନ ହୁଅନ୍ତୁ, ନିଶ୍ଚୟ ମତଦାନ କରନ୍ତୁ- ଏହିଭଳି ବିଭିନ୍ନ ନାରା ଦେବା ସହିତ ମତଦାନ ପାଇଁ ସଚେତନତା ମୂଳକ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ସ୍ଥାନୀୟ ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ସ୍କେଟିଂକ୍ରୀଡ଼ା ପ୍ରଦର୍ଶନ ଜରିଆରେ ମତଦାତା ମାନଙ୍କୁ ସଚେତନ କରିଥିଲେ। ଆସନ୍ତା ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାର ୫ଟି ବିଧାନ ସଭା ଓ ୧ ଟି ଲୋକସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ମତଦାନ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଭୋଟର ସାମିଲ ହୋଇ ଆମ ଦେଶର ଗର୍ବ ନିର୍ବାଚନର ପର୍ବକୁ ପାଳନ କରିବାକୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଜିଲ୍ଲା ଯୋଜନା ଓ ପରିଚାଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। ଏସ୍.ବି.ଡ଼ି. ସ୍କୁଲର କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଫାଇନାନ୍ସ ଏକ୍ସପର୍ଟ ଭଗବାନ ବାରିକଙ୍କ ସଂଯୋଜନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ସ୍କେଟରମାନେ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ଚିତ୍ତାକର୍ଷକ ସ୍କେଟିଂ କ୍ରୀଡ଼ା ପ୍ରଦର୍ଶନ କରି ପଥଚାରୀ ପଥ ପାର୍ଶ୍ୱ ବ୍ୟବସାୟୀ, ଗ୍ରାହକ ଆଦି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ-ଅଭିଭାବିକା,




ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କାର୍ଯ୍ୟାଳୟର ଅନ୍ୟତମ ଅଧିକାରୀ ହରିହର ଭୂଇଁ, ରଶ୍ମିତା ପୃଷ୍ଟି ପ୍ରମୁଖ ଏହି ସ୍କେଟିଂ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

## ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ସତ୍ୟର ସମାବେଶ ଅନୁଷ୍ଠିତ




ବାଲିଆପାଳ , ୦୩/୫ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ ଶିବମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ଜୟ ବାଲିଆପାଳ ସତ୍ୟ ' ର ସମାବେଶ ଅନୁଷ୍ଠିତ ହୋଇଯାଇଛି ।ଏଥିପାଇଁ ମଞ୍ଚ ପକ୍ଷରୁ ବିଶାଳ ବାଇକ ରାଲି ଶିବମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର,ବ୍ଲକ ଛକ, ଜାମକୁଣ୍ଡା ଛକ,ଦେଇ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିଥିଲା । ପରେ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଦେବାଶିଷ ପାତ୍ର ସଭାପତିତ୍ୱ କରିଥିବା ବେଳେ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ବାଲିଆପାଳ ସୂତା କଳର ପୁନରୁଦ୍ଧାର, ଶୀତଳ ଭଣ୍ଡାର ନିର୍ମାଣ, ଡଗରା ବେଳା ଭୂମିର ଉନ୍ନତି କରଣ, ସବ୍ ଟ୍ରେଜେରୀ ପ୍ରତିଷ୍ଠା, ସୁବର୍ଣ୍ଣ ରେଖା ନଦୀର ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସେ ଲଢେଇ କରିବେ ବୋଲି କହିଥିଲେ। ଅନ୍ୟ ନେତା ମାନେ କେବଳ ନିର୍ବାଚନ ସମୟରେ ପ୍ରତି ଶ୍ରୁତି ଦେଇ ପରେ କିଛି କରନ୍ତି ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥଲେ ।ସାଂପ୍ରତିକ ପରିସ୍ଥିତିରେ ସତ୍ୟକାମ ବାଲିଆପାଳର ସ୍ୱାର୍ଥ ଦୃଷ୍ଟିରୁ ରାଜନୀତିକୁ ଓହ୍ଲାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ରିଙ୍କୁ ରଞ୍ଜନ କର, ଗୌତମ ଅଣ୍ଡିଆ, ବିକ୍ରମ୍ କେଶରୀ ଦେ, ପ୍ରଦୀପ କୁମାର ଜେନା ପ୍ରମୁଖ ଅଭିଭାଷଣରେ କହି ଥିଲେ। ସତ୍ୟକାମ ସ୍ୱାଧୀନ ପ୍ରାର୍ଥୀ ଭାବେ ବସ୍ତା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ବୋଲି ସେମାନେ ମଧ୍ୟ କହିଥିଲେ। କୃଷ୍ଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଉଷ୍ମ ପ୍ରବାହ ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର

ବାରିପଦା , ୦୩/୫ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ବାଣିଜ୍ୟ ଏବଂ ପି.ଏମ. ଆଇ. ଆର୍. ବିଭାଗ ଦ୍ୱାରା 'ଉଷ୍ମପ୍ରଭାହ ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ପୌରହିତ୍ୟ ଆୟୋଜିତ ହୋଇଯାଇଛି। ବର୍ତ୍ତମାନ ବାରିପଦା ସହର ଭାରତ ର ଉତ୍ତପ୍ତ ସହର ମାନଙ୍କରେ ସ୍ଥାନ ପାଇଆସୁଛି। ଜଳସ୍ତର ହ୍ରାସ, ଶିମିଳିପାଳ ମଧରେ ବୃହତ୍ ବୃକ୍ଷ ର ଅବକ୍ଷୟ ଏବଂ ଅତ୍ୟାଧିକ ଏୟାର କଣ୍ଡିସନ ବ୍ୟବହାର ର କୁଫଳ ମୟୂରଭଞ୍ଜ ବାସୀ ଙ୍କୁ ଭୋଗିବାକୁ ପଡୁଛି। ଗଛର ପତ୍ର ରୌଦ୍ର ତାପରେ ସୁଖିଯାଉ ଥିବାରୁ ବଡ଼ ବଡ଼ ଗଛ ନଷ୍ଟ ହେବାକୁ ଯାଉଛି ଏବଂ କୃଷି ଜାତ ଦ୍ରବ ଉତ୍ପାଦନ ଯଥା ପନିପରିବା ଉତ୍ପାଦନ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବ ଓ ଆଗାମୀ ଦିନରେ ଖାଦ୍ୟ ଶସ୍ୟ ର ଦାମ୍ ମଧ ଅହେତୁକ ଭାବେ ବଢ଼ିବ ।ତେଣୁ ଶିମିଳିପାଳ କୁ ବଞ୍ଚାଇବାକୁ ହେଲେ ସରକାରୀ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ।ତେଣୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ମାଧ୍ଯମ ରେ ସିଡବଲ୍ ପ୍ରସ୍ତୁତି ଏବଂ




ସାତ ଦିନିଆ ଫଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶିମିଳିପାଳ ମଧ୍ୟରେ ରାଜ୍ୟ ସରକାର ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ତରଫରୁ କରାଗଲେ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯାଇପାରିବ। ଆମ୍ବ, ପଣସ, ଜାମୁକୋଳି ଆଦି ଚାରା ଓ ମଞ୍ଜି ରୋପଣ କରାଗଲେ, ଜଙ୍ଗଲ ସୃଷ୍ଟି ସହିତ ଜୀବଜନ୍ତୁ ମାନଙ୍କୁ ଖାଦ୍ୟ ମିଳିପାରିବ। ଖାଦ୍ୟ ଓ ପାଣି ପାଇଁ ହାତୀ ଓ ଅନ୍ୟାନ୍ୟ ଜୀବ ଜନ୍ତୁ ସହରମୁହାଁ ହେବେ ନାହିଁ ବୋଲି ବକ୍ତା ମାନେ ମତ ପ୍ରକାଶ କରିଛନ୍ତି। ଜଳସ୍ତର ଦିନକୁ ଦିନ କମୁଥିବାରୁ ବୃକ୍ଷ ରୋପଣ ଓ ମଇଳା ପାଣି ନଦୀ ଓ ନାଳକୁ ନ ଯାଇ କିପରି ବାଡି ଓ ବଗିଚାରେ ଚାଷ ପାଇଁ ବ୍ୟବହାର ହୋଇପାରିବ ସେଥି ପ୍ରତି ଛାତ୍ର ଛାତ୍ରୀ ମାନେ ଦୃଷ୍ଟି ଦେବାକୁ ଅଧକ୍ଷ ପ୍ରଦୀପ କୁମାର ନାୟକ ମତ ପ୍ରକାଶ କରିଥିଲେ। ପର୍ସନାଲ୍ ମ୍ୟାନେଜ୍ ମେଣ୍ଟ ଏଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେସନ( ପି.ଏମ. ଆଇ. ଆର୍.)ବିଭାଗୀୟ ମୁଖ୍ୟ ଡ. ଜିତେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମୟରେ ଉତ୍ତାପ ବୃଦ୍ଧି ଆମ ସମସ୍ତଙ୍କୁ ବିପଦରେ ପକାଇ ଦେଇଛି ।ତେଣୁ ପ୍ରତେକ ସ୍ତରରେ ଜଳ ସଚେତନତା, ବୃକ୍ଷ ରୋପଣ ଏବଂ ଜଳ ସଂରକ୍ଷଣ ଏକାନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ ।ବାଣିଜ୍ୟ ବିଭାଗର ମୁଖ୍ୟା ସବିତା ରାଣୀ ଦାଶ ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲକପାତ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟାପକ ଡ. ଠକ୍ଷକୁରା ଚରଣ ମାରାଣ୍ଡି, ରଞ୍ଜିତ ମାରାଣ୍ଡି,ଶ୍ରୀରାମ ଟୁଡ୍ଡୁ, ଚୌଧୁରୀ ଚରଣ ପାତ୍ର, ମଦନ ମୋହନ ସାହୁ, ଅଧ୍ୟାପିକା ରୂପା ମଞ୍ଜରୀ ବେହେରା, ସୁଜାତା ପାଲ, ମୀରା ସେନାପତି, ପ୍ରତିଭା ଦାସ, ଅଭିପ୍ସା ନାୟକ,ଅଙ୍କିତା ସାହୁ, ପୂର୍ଣ୍ଣିମା ମହାନ୍ତି, ଦିପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ,ସସ୍ମିତା ସି, ସଂଯୁକ୍ତା ମହାନ୍ତ, ସୁଶ୍ରୀ ନାୟକ, ଜ୍ୟୋତିର୍ମୟୀ ଗିରି ଏବଂ ଦିପାଞ୍ଜଳୀ ପାତ୍ର ପ୍ରମୁଖ ଆଲୋଚନା ଚକ୍ର ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ଅଭିଜିତ ପଟ୍ଟନାଏକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଖିବୁଜିଲେ ଯାତ୍ରା ଅଭିନେତା ସୁରେନ୍ଦ୍ର ଦାଶ

ଖଇରା, ୦୩/୫ (ନି.ପ୍ର): ଦିର୍ଘ ୪୫ବର୍ଷ ଧରି ବିଭିନ୍ନ ଯାତ୍ରା



ପାର୍ଟିରେ ନିଜ ପ୍ରତିଭା ଦେଖାଇଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ବଣପାରିଆ ଗ୍ରାମର ସୁରେନ୍ଦ୍ର ଦାଶ(୭୩) ଶୁକ୍ରବାର ସକାଳେ ନିଜ ବାସଭବନରେ ଆଖିବୁଜିଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇବା ପରେ ଶୁଭେଚ୍ଛୁ,ବିଭିନ୍ନ ପାର୍ଟିରେ କାର୍ଯ୍ୟ କରୁଥିବା କଳାକାର,ଗ୍ରାମବାସୀ ଶେଷ ଦର୍ଶନ କରିଛନ୍ତି । ସେ ଗତ ୨ବର୍ଷ ଧରି ପକ୍ଷାଘାତ ରୋଗରେ ପିଡିତ ଥିଲେ । ପିଲାବେଳୁ ଅଭିନୟ ପ୍ରତି ରୁଚି ରଖିଆସୁଥିବା ଶ୍ରୀ ଦାଶ ସ୍କୁଲରେ ପଢିବା ସମୟରେ ବାପା କୃଷ୍ଣ ଦାଶଙ୍କ ଦଧିପାର୍ଟିରେ କଳାର ଚାତୁରୀ ଦେଖାଇଥିଲେ । ମ୍ୟାଟ୍ରିକ ପାଶ ପରେ ପ୍ରଥମେ ସାରୁଅ,ପରେ ଜନତା ସୋନାଲୀରେ କାମ କରିବା ପରେ ଗୌରୀ ଗଣନାଟ୍ୟରେ ୩୦ବର୍ଷଧରି କଳାରଚାତୁରୀ ଦେଖାଇବା ସହ ଶେଷରେ ରଙ୍ଗମହଲ ଗଣନାଟ୍ୟରୁ ୬୫ବର୍ଷ ବୟସରେ ଅବସର ଗ୍ରହଣ କରିଥିଲେ । ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପର୍ଣ୍ଣ ହୋଇଛି । କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଓ ବିଜେଡି ପ୍ରାର୍ଥିନୀ ସୁବାଶିନୀ ସାହୁ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

## ଟ୍ରେନ୍‌ରେ ବୋମା ସୂଚନା ନେଇ ଯାତ୍ରୀ ଭୟଭୀତ

ଭୋପାଳ, ୦୩/୫ : ରାଜ୍ୟର ରାଜଧାନୀର ରାଣୀ କମଳାପତି ରେଲୱେ ଷ୍ଟେସନରେ ଶୁକ୍ରବାର ସକାଳେ ପୁନେରୁ ଜମ୍ମୁ ତବି ଯାଉଥିବା ଟ୍ରେନ୍ ନଂ ୧୧୦୭୭ ଝେଲମ୍ ଏକ୍ସପ୍ରେସ୍ ରେ ବୋମା ଥିବା ନେଇ ସୂଚନା ମିଳିବା ପରେ ଯାତ୍ରୀଙ୍କ ମଧ୍ୟରେ ଭାଗଦୌଡ଼ ଦେଖିବାକୁ ମିଳିଥିଲା । ସୂଚନା ପାଇବା ପରେ ଜିଆରପି ରାଣୀ କମଳାପତି ରେଲୱେ ଷ୍ଟେସନରେ ଟ୍ରେନ୍ କୁ ଅଟକାଇବା ସହ ସତର୍କତାର ସହିତ ଟ୍ରେନ୍ ର ସମସ୍ତ ବଗିକୁ ଚେକିଂ କରାଯାଇଥିଲା । କିନ୍ତୁ, ଟ୍ରେନ୍ ରୁ କୌଣସି ବିସ୍ଫୋଟକ ମିଳିନାହିଁ । ଟ୍ରେନ୍ ରେ ବୋମା ଥିବା ନେଇ ଗୁଜବ ପ୍ରଚାର କରିଥିବା ଯାତ୍ରୀଙ୍କୁ ହେପାଜତରେ ନେଇଛି ଜିଆରପି। ଏଠାରେ ଉଲ୍ଲେଖଯୋଗ୍ୟ, ଝେଲମ୍ ଏକ୍ସପ୍ରେସ ପ୍ରତିଦିନ ସକାଳ ୮ଟା ୩୧ ରେ ରାଣୀ କମଳାପତି ରେଲୱେ ଷ୍ଟେସନରେ ପହଂଚି ଥାଏ । ଆଜି ଟ୍ରେନ୍ ଟି ରାଣୀ କମଳାପତି ରେଲୱେ ଷ୍ଟେସନରେ ପହଂଚିବା ପୂର୍ବରୁ ଟ୍ରେନ୍ ର ଏସ-୯ ବଗିରେ ଯାତ୍ରା କରୁଥିବା ପୁନେ ର ଜଣେ ଯାତ୍ରୀ ଟିସିଙ୍କୁ ଟ୍ରେନ୍ ରେ ବୋମା ଥିବା ନେଇ ସୂଚନା ଦେଇଥିଲା । ଟ୍ରେନ୍ ରେ ବୋମା ଥିବା ନେଇ ସୂଚନା ମିଳିବା ପରେ ଟିସି ତୁରନ୍ତ କଂଟ୍ରୋଲ୍ ରୁମ୍ କୁ ସୂଚନା ଦେଇଥିଲେ । ଏହାପରେ ଟ୍ରେନ୍ କୁ ରାଣୀ କମଳାପତି ଷ୍ଟେସନରେ ରୋକା ଯାଇଥିଲା ।

## ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ବିଜୁଳି ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବସ୍ତା, ୦୩/୫ (ନି.ପ୍ର): ଶୁକ୍ରବାର ଅପରାହ୍ନରେ ବସ୍ତା ଡାକ୍ତରଖାନା ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଲାଇନ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ବିଜୁଳି ଆଘାତରେ ଜଣେ ଯୁବକର ପ୍ରାଣହାନି ଘଟିଛି। ସୂଚନାରୁ ପ୍ରକାଶ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ହାସ୍ପାତାଳ ରେ ବିଜୁଳି ଲାଇନ୍ କାମ ପାଇଁ ଏକ ଠିକା ସଂସ୍ଥା ଦାୟୀତ୍ୱ ନେଇଥିଲା। ବାଲେଶ୍ୱର ର ରଣସାହିର ପାଣ୍ଡବ ମାଝୀ ଙ୍କ ପୁଅ କାଳୀଚରଣ(୨୮) ଖୁଣ୍ଟରେ ଚଢ଼ି



ଥିଲେ ।ଏହି ସମୟରେ ସେ ବିଜୁଳି ଆଘାତ ପ୍ରାପ୍ତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଡାକ୍ତର ଖାନା ।ରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି କାର୍ଯ୍ୟ ସମୟ ରେ ବିଜୁଳି ଲାଇନ୍ କଟା ଯାଇଥିବା ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି ।ତା 'ର ପରିବାର କୁ କ୍ଷତି ପୂରଣ ଦିଆଯିବାକୁ ଦାବି ହୋଇଛି ।ରିପୋର୍ଟ ଲେଖା ପର୍ଯ୍ୟନ୍ତ ପୁଲିସ ପହଞ୍ଚି ନ ଥିବା ଜଣାଯାଇଛି।

## ଓଭର ଟେକ୍‌ରୁ ଦୁର୍ଘଟଣା: ବାଇକ୍ ଆରୋହୀ ଗୁରୁତର

ବାଲିଆପାଳ , ୦୩/୫ (ନି.ପ୍ର): ଓଭର ଟେକ୍ ରୁ ଦୁର୍ଘଟଣା ଘଟି ଆଜି ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଘଟଣାଟି ଘଟିଛି ବାଲିଆପାଳ କାଳୀପଦା ରାସ୍ତାର ମଧୁପୁରା ଛକ ନିକଟରେ। ପୂର୍ବାହ୍ନରେ ଟାଟା କମ୍ପାନୀର ୧୦୮ ଆମ୍ବୁଲାନ୍ସ କାଳୀପଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ କାର ଆସୁଥିଲା। ଏହି ସମୟରେ ଜଣେ ବାଇକ୍ ଆରୋହୀ କାରକୁ ଓଭର ଟେକ୍ କରୁଥିବାବେଳେ କାର ଦେହରେ ଧକ୍କା ଖାଇ ଆମ୍ବୁଲାନ୍ସରେ ପିଟି ହୋଇ ଥିଲେ। ତତକ୍ଷଣାତ୍ ଆମ୍ବୁଲାନ୍ସ ସେଠାରେ ଅଟକି ବାଇକ୍ ଆରୋହୀକୁ ଉଦ୍ଧାର କରିବା ସହ ସେଥିରେ ଥିବା ଡଃ ରାଜ ପ୍ରାଥମିକ ଚିକିତ୍ସା କରି ଥିଲେ ।ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ ।ସେଠାରେ ବାଇକ୍ ଆରୋହୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ବାଲେଶ୍ୱର ସଦର ହସ୍ପିଟାଲକୁ ନିଆଯାଇଥିଲା। ଗୁରୁତର ଆହତ ବାଇକ୍ ଆରୋହୀଙ୍କ ଘର ବେତଗଡିଆ ଗ୍ରାମରେ ହୋଇଥିବା ବେଳେ ସେ ବଂଶୀଧର ଗିରିଙ୍କ ପୁଅ ଦେବୀ ଶଙ୍କର। ତେବେ ଏନେଇ ଥାନାରେ କୌଣସି ମାମଲା ହୋଇ ନାହିଁ।

## ବାଲେଶ୍ୱର ସହରରେ ଭିଆପି କଲୋନୀ ଏବଂ ପରଖିଠାରେ ମାନସ ଦତ୍ତଙ୍କ ଜୋରଦାର ପ୍ରଚାର



ବାଲେଶ୍ୱର , ୦୩/୫ (ନି.ପ୍ର): ସଦର ବିଧାନସଭା ଅନ୍ତର୍ଗତ ବାଲେଶ୍ୱର ସହରର ଗୋପାଳ ଗାଁର ପାର୍ଶ୍ୱବର୍ତ୍ତି ଭିଆଇପି କୋଲନୀ ଠାରେ ଡୋର ଟୁ ଡୋର କେମ୍ପେନିଂ କୁ ଜୋରଦାର କରୁଛନ୍ତି ବିଜେପି ବିଧାୟକ ପାର୍ଥି ଶ୍ରୀ ମାନସ କୁମାର ଦତ୍ତ । ଆଜି ସକାଳୁ ନଗର ସଭାପତି ଶ୍ରୀ ଚିତ୍ତରଞ୍ଜନ ପଣ୍ଡାଙ୍କ ତତ୍ୱାବଧାନତାରେ ଦଳୀୟ କର୍ମୀମାନେ ଘରକୁ ଘରକୁ ଯାଇ ବିଜେପି ସପକ୍ଷରେ ଭୋଟ ଭିକ୍ଷା କରିବା ସହ ସାଧରଣ ଲୋକଙ୍କ ଖୁବ ସମର୍ଥନ ପାଇବାର ଲକ୍ଷ କରଯାଇଛି । ଠିକ ସେହି ପରି ଅପରାହ୍ନରେ ପରଖି ପଞ୍ଚାୟତର ଗୋକୁଳପୁର ଠାରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ ସାମିଲ ହୋଇ ଘରକୁ ଘର ଯାଇ ଲାଭାର୍ଥୀଙ୍କୁ ଭେଟି ମୋଦି ଗ୍ୟାରେଣ୍ଟି ପତ୍ରିକା ପ୍ରଦାନ କରାଯାଇ ପଦ୍ମଫୁଲରେ ଆଗାମୀ ନିର୍ବାଚନରେ ଆଶ୍ରିବାଦ କରିବା ପାଇଁ ନିବେଦନ କରାଯାଇଛି । ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ପାଖରେ ସମସ୍ତ ମୌଳିକ ସୁବିଧା ସହ ଅତ୍ୟାବଶ୍ୟକ ସେବା ପହଞ୍ଚାଇବା ଆଜି ମୋଦିଙ୍କ ଗ୍ୟାରେଣ୍ଟି ହୋଇଛି । ୨୫ବର୍ଷ କୁଶାସନରେ ଜର୍ଜରିତ ହେଉଥିବା ଓଡ଼ିଶାର ଲୋକେ ଏବେ ପରିବର୍ତ୍ତନ ମୁହାଁ । ଉକ୍ତ କାର୍ଯ୍ୟକ୍ରମରେ ଦଳର ସମସ୍ତ କାର୍ଯ୍ୟକାର୍ତ୍ତା, ବୁଥ ସଭାପତି ଏବଂ ବିଜେପି ଦଳର ଶୁଭେଚ୍ଛୁ ଉପସ୍ଥିତ ଥିଲେ ।

## ବଳିଦାନ ଦିବସରେ ସହିଦଙ୍କୁ ଝୁରିଲେ ଅଞ୍ଚଳବାସୀ

ବେତନଟୀ, ୦୩/୫ (ନି.ପ୍ର): ମେଳି ଆନ୍ଦୋଳନ ର ମୁଖ୍ୟ ପୁରୋଧା ତଥା ଦେଶ ମାତୃକାର ପାଇଁ ସହିଦ ହୋଇଥିବା କଙ୍କା ମାଝୀ, କାଳିଆ ମହାନ୍ତ, ରତୁ କୋଲକାମାର ଓ ନୟସିଂମୁଣ୍ଡା ପ୍ରମୁଖ ଙ୍କୁ ୧୯୧୭ ମସିହାର ମଇ ୩ ତାରିଖରେ ଇଂରେଜ ସରକାର ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ । ସେଇଥି ପାଇଁ ଆଜିର ଦିନକୁ ଏକ ସ୍ମରଣୀୟ ଦିବସ ଭାବରେ ପାଳନ କରାଯାଏ । ମହୁଲିଆ ହାଟ ପଡିଆ ଠାରେ ଏହି ବଳିଦାନ ଦିବସ ମହା ସମାରୋହ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସହିଦ କଂଙ୍କା ମାଝୀ ଓ କାଳିଆ ମହାନ୍ତ ସ୍ମୃତି ପରିଷଦର ଅଧକ୍ଷା ତଥା ବେତନଟୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଙ୍କ ପାନମଣି ମୁର୍ମୁଙ୍କର ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କବି ମନୋଜ କୁମାର ମହାନ୍ତ ସଭା ପରିଚାଳନା କରିଥିଲେ । ଏହି ବୈଠକ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ବାସୁଦେବ ନାପିତ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରକାଶ କର ମହାପାତ୍ର, ମାଝିବାବା ସୁନାରାମ କିସ୍କୁ, ଦିଲ୍ଲିପ ମୁର୍ମୁ, ମଙ୍ଗଲ ଟୁଡୁ, ଉମାକାନ୍ତ ମହାନ୍ତ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦେଇ ସହିଦ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସଭାରମ୍ଭ କରିଥିଲେ । ସଭାରେ ଭକ୍ତହରି ମାରାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୀର ସହିଦ କାଳିଆ ମହାନ୍ତ ଙ୍କ ଦାୟାଦ ରେବତୀ ମହାନ୍ତ ଙ୍କୁ ଅତିଥିଗଣ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ସ୍ମୃତି ପରିଷଦ ତରଫରୁ ବିଗତ ଦିନରେ ନିଆଯାଇ ଥିବା ପଦକ୍ଷେପ ପାଇଁ ଅତିଥିଗଣ ଅଧକ୍ଷା ସରପଞ୍ଚ ପାନମଣି ମୁର୍ମୁଙ୍କୁ ପ୍ରଶଂସା କରିଥିଲେ । ଶେଷରେ ଡାବୁଲ ତାମସା ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଦିବସ ବ୍ୟାପି ଆୟୋଜିତ ହୋଇ ଥିବା ବେଳେ ବହୁ ସଂଖ୍ୟକ ଅଞ୍ଚଳବାସୀ ଯୋଗଦାନ କରି ସହିଦ ଙ୍କ ସ୍ମୃତିଚାରଣ କରିଥିବାର ଦେଖିବାକୁ ମିଳିଛି ।

## ବଡ଼ାଶରେ ବିଜେଡିର ମହିଳା ସମାବେଶ



ଲଙ୍ଗଳେଶ୍ୱର, ୦୩/୫ (ନି.ପ୍ର): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଗୁରୁବାର ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି ।ପଞ୍ଚାୟତର ଶତାଧିକ ମହିଳା ମାନଙ୍କୁ ନେଇ ଆୟୋଜିତ ମହିଳା ସମାବେଶରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ମହିଳାଙ୍କ ବିକାଶ ପାଇଁ ଗୃହୀତ ବଳିଷ୍ଠ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରି ଭୋଟ ଭିକ୍ଷା କରିଥିଲେ । ପର୍ଯ୍ୟବେକ୍ଷକ ରବି ଦାସ ଏଥିରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ କୁମାର ଦତ୍ତ,ଶଙ୍କର ପ୍ରତାପ ରଣସିଂହ,ମନ୍ମଥ ପାତ୍ର,ଗଣେଶ ଚନ୍ଦ୍ର ବେହେରା,ଲକ୍ଷ୍ମୀକାନ୍ତ ଦେ,ଅନନ୍ତ କରଣ,ସଞ୍ଜୟ ରାଜ୍ ,ପିତାମ୍ବର ରାଉତ,ନିତ୍ୟାନନ୍ଦ ପ୍ରଧାନ,ସାର୍ଥକ ରଣଜିତ୍,ଅନନ୍ତ ଜେନା,ତାପସ ଦତ୍ତ,ସଚ୍ଚିନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ । ସମାବେଶରେ ଏକ ହଜାରରୁ ଉର୍ଦ୍ଧ ମହିଳା ଯୋଗଦେଇଥିଲେ ।

## ସିନ୍ଧୁ ନଦୀ ଭିତରକୁ ଖସିଲା ବସ୍: ୨୦ ମୃତ

ଇସଲମାବାଦ, ୦୩/୫ (ନି.ପ୍ର): ପଶ୍ଚିମ ପାକିସ୍ତାନରେ ଶୁକ୍ରବାର ଏକ ଘରୋଇ ଯାତ୍ରୀବାହୀ ବସ୍ ପାହାଡିଆ ଅଂଚଳରୁ ସିନ୍ଧୁ ନଦୀ କୂଳକୁ ଖସିପଡିଛି । ଏହି ଦୁର୍ଘଟଣାରେ ଅତି କମରେ ୨୦ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି । ଏହି ଦୁର୍ଘଟଣା ଗିଲଗିଟ ବାଲ୍ଟିସ୍ଥାନର ଡାୟମେର ଜିଲ୍ଲାରେ ଆଜି ସକାଳ ସାଢେ ୫ଟାରେ ହୋଇଛି । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସୂଚନା ଅନୁସାରେ ବସଟି ରାୱଲପିଣ୍ଡରୁ ଗିଲଗିଟ ଯାଉଥିଲା। ଡାୟମର ଜିଲ୍ଲାରେ କାରାକୋରମ ରାଜପଥରେ ଗୁନାର ଫାର୍ମ ନିକଟରେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇ ଦେଇଥିଲେ ।

## ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଆଲୋଚନା ଚକ୍ର

ଭଦ୍ରକ, ୦୩/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଅଧକ୍ଷତାରେ "ବିଶ୍ୱ ଶ୍ରମିକ ଦିବସ" ପାଳନ ପୂର୍ବକ ଏକ ଆଲୋଚନା ଚକ୍ର ୱାନଷ୍ଟପ ସଖି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲଲାଟେନ୍ଦୁ ମହାନ୍ତି, ମେଣ୍ଟେନାନ୍ସ କନ୍‌ସଲ୍‌ଟେସନ୍ ଅଫିସର (ବରିଷ୍ଠ ନାଗରିକ), ନାରାୟଣ ପ୍ରସାଦ ବେହେରା ଚିଫ ଏଲଏଡ଼ିସିଏସ୍ , କାହ୍ନୁଚରଣ ବାରିକ, ରାଜିବ ବାରିକ ପେନାଲ ଓକିଲ ବୃନ୍ଦ, ଡ. ତାପସ କୁମାର ମହାନ୍ତି, ମହମ୍ମଦ ଅଲ୍ଲୀ ତାହେର, ବହ୍ନିଶିକ୍ଷା ବିଶ୍ୱାଳ ସଦସ୍ୟ / ସଦସ୍ୟା ଏଲଏଡ଼ିସିଏସ୍, ଭଦ୍ରକ ପିଏଲଭି ସଦସ୍ୟ ଓ ସଦସ୍ୟା ସ୍ଥାନୀୟ ପୋଲିସ୍ ଅଧିକାରୀମାନେ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକ ଦିବସର ତାତ୍ପର୍ଯ୍ୟ, ବିଶେଷତ୍ୱ ଓ ସଚେତନତା ଉପରେ ବିଶେଷ ଭାବରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୱାନଷ୍ଟପ୍ ର ସମସ୍ତ କର୍ମକର୍ତ୍ତା ଓ ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo